୬ ଟି-୨୦ରେ ପ୍ରଥମ ଭାରତୀୟ ଭାବେ ୧୨ ହଜାର ରନ୍ ପୂରଣ କଲେ ବିରାଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫୭ ● ୨୩ ମାର୍ଚ୍ଚ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-57 ● 23rd March 2024, Saturday ● Bhubaneswar | Licensed to post without pre-payment of postage No- BN-60/22-24

### ଲୋକାୟୁକ୍ତଙ୍କ ନିଯୁକ୍ତି ପାଇଁ ପରାମର୍ଶ ପ୍ରକ୍ରିୟା ଉପରେ

# ଗାଇଡ୍‌ଲାଇନ ପ୍ରସ୍ତୁତ କରିବୁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୩**

ଦେଶର ବିଭିନ୍ନ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିରୋଧୀ ଦଳ ନେତାଙ୍କ ପରାମର୍ଶ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶାବଳୀ ନର୍ଦ୍ଧାରଣ କରାଯିବ ବୋଲି ସୁପ୍ରିମ୍‌କୋର୍ଟ ଶୁକ୍ରବାର କହିଛନ୍ତି।

ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ବିରୋଧୀ ଦଳ ନେତାଙ୍କ ସହ ପରାମର୍ଶ କରାଯାଇ ନଥିବା ଦର୍ଶାଇ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୁଡଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଖଣ୍ଡପୀଠ ଏହି ପ୍ରସଙ୍ଗ ଦେଶବ୍ୟାପୀ ପ୍ରଭାବ ପକାଇଥିବା ଦର୍ଶାଇ କହିଛନ୍ତି ଯେ ଏଥିପାଇଁ କିଛି ପ୍ରକ୍ରିୟାଗତ ରୂପରେଖ ସ୍ଥିର କରିବାକୁ ପଡ଼ିବ।



ଦେଶବ୍ୟାପୀ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଏହି ଅଦାଲତ ଏଭଳି ମାମଲାରେ ପ୍ରଭାବଶାଳୀ ବିଚାର ବିମର୍ଶ କରିବା ପାଇଁ ମାପଦଣ୍ଡ ନିର୍ଦ୍ଧାରଣ କରିବା ଉଚିତ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

ଖଣ୍ଡପୀଠ କହିଛନ୍ତି, ଏହାର ପ୍ରଭାବ ଦେଶବ୍ୟାପୀ ପଡ଼ିଛି, କାରଣ ଲୋକାୟୁକ୍ତ ନିଯୁକ୍ତି ପାଇଁ ରାଜ୍ୟ ସରକାର କ'ଣ ପ୍ରକ୍ରିୟା ଅନୁସରଣ କରିବେ? ଯେତେବେଳେ ନିଯୁକ୍ତି ପ୍ରକ୍ରିୟାରେ ବିରୋଧୀ ଦଳ ନେତା ଏଲ୍‌ଓପି ସଦସ୍ୟ ହେବା ଦରକାର, ସେତେବେଳେ କିଛି ପ୍ରକ୍ରିୟା ନିର୍ଦ୍ଧାରଣ କରିବାକୁ ପଡ଼ିବ । ଏହା ହୋଇପାରିବ ନାହିଁ ଯେ ପୂର୍ବଦିନ ତାଙ୍କୁ କେବଳ ପ୍ରାର୍ଥୀଙ୍କୁ ସମ୍ମତି ଦେବାକୁ କୁହାଯିବ । ଏହାର ଦେଶବ୍ୟାପୀ ପ୍ରଭାବ ରହିଛି। ଆମକୁ କିଛି ମାନଦଣ୍ଡ ନିର୍ଦ୍ଧାରଣ କରିବାକୁ ପଡ଼ିବ, ନଚେତ କମିଟିରେ ଏଲ୍‌ଓପିଙ୍କ ଉପସ୍ଥିତିର କୌଣସି ଅର୍ଥ ରହିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ଅବସରପ୍ରାପ୍ତ ଜଷ୍ଟିସ ସତ୍ୟେନ୍ଦ୍ର କୁମାର ସିଂହଙ୍କୁ ଲୋକାୟୁକ୍ତ ଭାବେ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି କଂଗ୍ରେସର ବିରୋଧୀ ଦଳ ନେତା ଉମଙ୍ଗ ସିଂହାରଙ୍କ ଆବେଦନର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହା କହିଛନ୍ତି।

# ଗିରଫଦାରୀ ବିରୋଧରେ ସର୍ବୋଚ୍ଚ ଅଦାଲତରେ କରିଥିବା ଆବେଦନକୁ ପ୍ରତ୍ୟାହାର କଲେ କେଜ୍ରିୱାଲ

**ନୂଆଦିଲ୍ଲୀ, ୨୨।୩**

ଦିଲ୍ଲୀ ମଦ ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫଦାରୀ ବିରୋଧରେ ଅରବିନ୍ଦ କେଜ୍ରିୱାଲ କରିଥିବା ଆବେଦନକୁ ଶୁକ୍ରବାର ପ୍ରତ୍ୟାହାର କରିଛନ୍ତି। ତାଙ୍କ ଓକିଲ ଅଭିଷେକ ମନୁ ସିଂଘଭି ଏହି ସୂଚନା ଦେଇଛନ୍ତି।

କେଜ୍ରିୱାଲଙ୍କ ଆବେଦନର ଶୁଣାଣି ପାଇଁ ଜଷ୍ଟିସ ସଞ୍ଜୀବ ଖାନ୍ନା, ଜଷ୍ଟିସ ଏମ.ଏମ ସୁନ୍ଦରେସ ଏବଂ ଜଷ୍ଟିସ ବେଲା ତ୍ରିବେଦୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଧାର୍ଯ୍ୟ ହୋଇଥିଲା। ଏହାପୂର୍ବରୁ ସୁପ୍ରିମକୋର୍ଟ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଆବେଦନକୁ ତୁରନ୍ତ ଶୁଣାଣି କରିବାକୁ ରାଜି ହୋଇଥିଲେ।

ଏବେ ସୂତ୍ରରୁ ପ୍ରକାଶ ଯେ ଅରବିନ୍ଦ କେଜ୍ରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଉପରେ ଗୁପ୍ତଚର କାର୍ଯ୍ୟ କରୁଥିଲେ ଏବଂ ଅନୁସନ୍ଧାନକାରୀ ସଂସ୍ଥା ଏହାର ପ୍ରମାଣ ପାଇଛି।

ଆମେ ଜାଣନ୍ତି ଯେ ଅରବିନ୍ଦ କେଜ୍ରିୱାଲ ଇଡିର ଗିରଫଦାରୀକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କୋର୍ଟରେ ହାଜର ହୋଇଥିଲେ।

ଅବକାରୀ ଦୁର୍ନୀତି ମାମଲାରେ ଗତ ସନ୍ଧ୍ୟାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗିରଫ ହୋଇଛନ୍ତି। ଏହି ଗିରଫକୁ ବିରୋଧ କରୁଛି ତାଙ୍କ ଦଳ ଆମ ଆଦ୍‌ମୀ ପାର୍ଟି (ଆପ୍)।

KISS
KALINGA INSTITUTE OF SOCIAL SCIENCES
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ (କିସ୍)
କିସ୍ ଏକ ବିଦ୍ୟାଳୟ- ଏକ ମହାବିଦ୍ୟାଳୟ- ଏକ ବିଶ୍ୱବିଦ୍ୟାଳୟ
(Established U/S 3 of UGC Act, 1956) Bhubaneswar-751024, Odisha, India
Organization in Special Consultative Status with the Economic and Social Council- ECOSOC since 2015)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍) ବିଶ୍ୱର ପ୍ରଥମ ଜନଜାତି ବିଶ୍ୱବିଦ୍ୟାଳୟ ସମ୍ପୂର୍ଣ୍ଣ ଆବାସିକ ଓ ସମ୍ପୂର୍ଣ୍ଣ ନିଃଶୁଳ୍କ। ୨୦୧୭ରେ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ବିଶ୍ୱବିଦ୍ୟାଳୟ ମାନ୍ୟତା ହାସଲ। ଆରମ୍ଭରୁ କିସ୍ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା ଓ ଅନନ୍ୟ ତଥା ଉଦୀୟମାନ ଜନଜାତୀୟ ଅଧ୍ୟୟନ ସମ୍ପର୍କିତ ଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରିଆସୁଛି। ୪୦ ହଜାର ଛାତ୍ରଛାତ୍ରୀ ଅଧ୍ୟୟନରତ ଓ ୪୦ ହଜାର ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।

କିସ୍ ବିଶ୍ୱବିଦ୍ୟାଳୟକୁ
NAAC (ନାକ୍)ର
A Grade
ମାନ୍ୟତା
ପ୍ରଥମ ଥର ପାଇଁ ମିଳିଲା

କିସ୍ ହେଉଛି କିଟ୍ ଶିକ୍ଷାନୁଷ୍ଠାନ ସମୂହ, ଭୁବନେଶ୍ୱରର ଏକ ସହଯୋଗୀ ଅନୁଷ୍ଠାନ
KIIT

Regd. Office: KISS Campus, P.O.: KIIT, Bhubaneswar -751024, Odisha, INDIA
Phone No.: +91 674 - 2741671, 6010001, 2740326, Fax No.: +91 674-2743271
info@kiss.ac.in www.kiss.ac.in /kissfoundation
/achyutasamanta.com /dr.achyutasamanta
/AchyutaSamanta /achyuta_samanta

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମିଳିଲା ଭୁଟାନର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୨୨।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନିଆ ଭୁଟାନ ଗସ୍ତରେ ଆସିଥିବା ବେଳେ ତାଙ୍କୁ ଭୁଟାନର ସର୍ବୋଚ୍ଚ ନାଗରିକ ସମ୍ମାନ ଅର୍ଡର ଅଫ ଦି ଡ୍ରୁକ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ପରଲୋକ

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ଦେହାନ୍ତ ହୋଇଛି। ୮୧ ବର୍ଷ ବୟସରେ ଶୁକ୍ରବାର ସକାଳ ୫ଟା ୨୩ ମିନିଟ ସମୟରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଦାମୋଦରଙ୍କ ପୁଅ ତଥା ବିଧାୟକ ସମ୍ବିତ ରାଉତରାୟ ଏହି ସୂଚନା ଦେଇଛନ୍ତି।

ଗତ ୧୮ ତାରିଖରୁ ଏକ ଘରୋଇ ହସ୍ପିଟାଲରେ ଦାମ ରାଉତଙ୍କ ଚିକିତ୍ସା ଜାରି ରହିଥିଲା । ହୃଦଘାତ ପରେ ଦାମୋଦର ଗୁରୁତର ହୋଇଥିଲେ। ତିନିମାସ ତଳେ



ଦାମୋଦର ରାଉତ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ । ଯକୃତରେ ପାଣି ଜମିଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସୁସ୍ଥ ହେବା ପରେ ସେ ଘରକୁ ଫେରିଥିଲେ।

ଓଡ଼ିଶା ରାଜନୀତିରେ ଦାମୋଦର ରାଉତ ବଡ଼ ରାଜନେତା ଭାବେ ଜଣାଶୁଣା ଥିଲେ। ପ୍ରଥମେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହେବା ସହ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଜଣେ ଗଲେ ସଂସାର ଛାଡିକି
ଚାରିଆଡେ ଖାଲି ଶୋକ
ଏତିକି ବେଳକୁ ଦଳ ଛାଡିଦେଲେ
ଫେମସ୍ ପୁରୁଖା ନୋକ
ନୁହଁ ହସ କଥା ନା ଜୋକ
ଦୁଃଖ ପରେ ଦୁଃଖ ଏମିତି ବଢିଲେ
ଜାମ୍ ହୋଇଯିବ ନାକ।

# ଜ୍ୟୋତିବସୁଙ୍କ ରେକର୍ଡ ଅତିକ୍ରମ କଲେ ନବୀନ

**ଭୁବନେଶ୍ୱର, ୨୨।୩ : ନ୍ୟୁଜ୍ ବ୍ୟୁରୋ**

ଶାସନ କ୍ଷମତାରେ ରହିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରେକର୍ଡ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁଙ୍କ ରେକର୍ଡର ସମକକ୍ଷ ହେବା ସହ ଏହାକୁ ଅତିକ୍ରମ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥାତ୍ ମୁଖ୍ୟମନ୍ତ୍ରୀ ପଦରେ ନବୀନ ଶୁକ୍ରବାର ୨୩ ବର୍ଷ ୧୩୮ ଦିନ ପୂର୍ଣ୍ଣ କରିବା ସହ ଦେଶର ଦ୍ୱିତୀୟ ସର୍ବାଧିକ ସମୟର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ ମଧ୍ୟ କରିଛନ୍ତି।

ଦୀର୍ଘଦିନ ଧରି ନବୀନ ପଟ୍ଟନାୟକ କ'ଣ ପାଇଁ ଓଡ଼ିଶାବାସୀଙ୍କର ବିପୁଳ ସମର୍ଥନ ହାସଲ କରିଚାଲିଛନ୍ତି ଏବଂ ଏହା ପଛରେ କ'ଣ ସବୁ କାରଣ ରହିଛି ସେ ବାବଦରେ ରାଜନୈତିକ ସମୀକ୍ଷକମାନେ ଯେଉଁ ବୟାନ ଦେଇଛନ୍ତି ତାହା ନିଶ୍ଚିତ ଭାବେ କେବଳ ଓଡ଼ିଶାର ନୁହେଁ



ଦେଶର ରାଜନେତା ମାନଙ୍କ ପାଇଁ ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ। ରାଜନୈତିକ ସଂଘର୍ଷରୁ ଜ୍ୟୋତିବସୁ ରାଜନେତା ବନିଥିଲେ। ସିପିଏମ୍ ଭଳି ବଳିଷ୍ଠ ରାଜନୈତିକ ସଂଘର୍ଷରୁ ସେ *(ପୃଷ୍ଠା ୭ରେ)*

# ୨୦୨୪ ନିର୍ବାଚନରେ ନବୀନ ବ୍ରାଣ୍ଡ : ନମ୍ବର ୱାନ୍ ଇନ୍ ଇଣ୍ଡିଆ



■ ବିବେକାନନ୍ଦ ଜେନା

ଏଥର ୨୦୨୪ ନିର୍ବାଚନରେ ରାଜ୍ୟରେ 'ନବୀନ ବ୍ରାଣ୍ଡ' ହିଁ କାମ କରିବ। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନବୀନ ପଟ୍ଟନାୟକ ସମଗ୍ର ଭାରତ ବର୍ଷରେ ନମ୍ବର ୱାନ୍ ଚିଫ୍ ମିନିଷ୍ଟର ଭାବରେ ସମସ୍ତ ଜାତୀୟ ସର୍ଭେରେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ସ୍ୱକୀୟ ପ୍ରତିଭା, ସ୍ୱଚ୍ଛ ପ୍ରଶାସନ ଓ ସମସ୍ତ ଜନମଙ୍ଗଳ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଦ୍ୱାରା ନବୀନ ସରକାର ଏକ ନମ୍ବର ଭାବରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଭଳି କୌଣସି ଜନମଙ୍ଗଳ କାର୍ଯ୍ୟ ସଂଗଠିତ ହୋଇ ନାହିଁ ଯେଉଁଥିରେ କି ନବୀନ ସରକାର ଏକ ନମ୍ବର ଭାବରେ ପରିଗଣିତ ହୋଇନାହିଁ। ଏହା ନବୀନ ପଟ୍ଟନାୟକଙ୍କ ଚାରିସ୍‌ମେଟିକ୍ ଲିଡରସିପ୍ ନୁହେଁ ବରଂ ସ୍ୱଚ୍ଛତା ତାଙ୍କର ବ୍ୟକ୍ତିଗତ ପୁଞ୍ଜି। ବିବାଦ ଠାରୁ ଦୂରରେ ରହିଛନ୍ତି ନବୀନ ପଟ୍ଟନାୟକ। ବିବାଦୀୟ ଗୋଷ୍ଠୀ ସହ ନିଜକୁ କେବେ ବି ଯୋଡି ନାହାନ୍ତି। ମୋଦିଙ୍କୁ ଭାରତବର୍ଷର ପ୍ରଧାନମନ୍ତ୍ରୀ ଭାବରେ ସେ ଦେଖିବାକୁ ଚାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଅନୁରୂପ ଭାବରେ ଚଣ୍ଡିଖୋଲ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ମେଣ୍ଟ ବଡ କଥା ନୁହେଁ, ଉଭୟ ନେତୃତ୍ୱ ଏବେ ରାଷ୍ଟ୍ରନୀତିଜ୍ଞ ଅଟନ୍ତି। ରାଜ୍ୟ ଓ କେନ୍ଦ୍ର ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକାଠି ଆଗେଇବା ଦେଶ ପାଇଁ ଶୁଭଙ୍କର ବୋଲି ଉଭୟ ଅନୁଭବ କରନ୍ତି। ଦେଶ ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ଉଭୟ କାର୍ଯ୍ୟ କରୁଛନ୍ତି।

ଓଡ଼ିଶା ପାଇଁ ଏହା ଅତ୍ୟନ୍ତ ପ୍ରଯୁଜ୍ୟ ଏବଂ ଏହାର ପ୍ରାସଙ୍ଗିକତା ଯଥେଷ୍ଟ ଅଧିକ ରହିଛି। କହିବା ବାହୁଲ୍ୟ ଯେ ଜଣେ ସମ୍ଭ୍ରାନ୍ତ ଶ୍ରେଣୀର ବିଶିଷ୍ଟ ବ୍ୟକ୍ତି ନିଜର ଏକମାତ୍ର କନ୍ୟାର ବିବାହ ପାଇଁ ସୁନା ଗହଣା ବା ଜୁଏଲାରୀ ଖର୍ଦ୍ଦି କରିବାକୁ ଯାଇଥିବା ବେଳେ କନ୍ୟା ଜଣକ ସେଠାରେ ପିତାଙ୍କୁ କହିଥିଲେ, ଆଗରେ ଥିବା ବଡ଼ ଶୋରୁମ୍‌ରେ ବଡ଼ ଡିସ୍‌କାଉଣ୍ଟ ମିଳୁଛି। ସହସା ପିତା ଜଣାଇଥିଲେ ଅନ୍ୟମାନଙ୍କ ଆଗରେ ଯେ ଉଁ ହୁଁ, ମୋର ଏକ ମାତ୍ର ଅଲିଅଳି କନ୍ୟାର ବିବାହ ପାଇଁ ଯେଉଁ ଶୋରୁମ୍‌କୁ ଜୁଏଲାରୀ ଖର୍ଦ୍ଦି କରିବାକୁ ଆସିଛି, ତାହା ହିଁ ଏକମାତ୍ର ଓ ଶ୍ରେଷ୍ଠ। ତେଣୁ ସୁନାଗହଣା ଖର୍ଦ୍ଦିରେ କୌଣସି ସମଝୋତା ବା କମ୍ପ୍ରମାଇଜ ହେବନାହିଁ। ପିତାଙ୍କ ଏକଥା ଶୁଣି ଉଭୟ କନ୍ୟା ଓ ପତ୍ନୀ ଖୁସିରେ ଆତ୍ମହରା ହେବା ସହ କହିଥିଲେ, କ୍ୟା ବାତ୍ ହେ, କ୍ୟା ବାତ୍ ହେ। ବର୍ତ୍ତମାନର ନିର୍ବାଚନ ବାତାବରଣକୁ ନେଇ ଏକଥାର ପ୍ରାସଙ୍ଗିକତା ରହିଛି। ସାଧାରଣ ନିର୍ବାଚନ ପାଇଁ ଭାରତୀୟ ମୁଖ୍ୟ ନିର୍ବାଚନ କମିଶନର ତାରିଖ ଓ କାର୍ଯ୍ୟସୂଚୀ ଘୋଷଣା କରିବା ପରେ ଓଡ଼ିଶା ସମେତ ସାରା ଦେଶରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏହା ଭିତରେ ଦଳଡିଆଁ ପର୍ବ ଆରମ୍ଭ ହେଲାଣି। ସନ୍ତୁଷ୍ଟ ଅସନ୍ତୁଷ୍ଟଙ୍କ ମେଳି ବଢିଲାଣି। ନିର୍ବାଚନ ବୈତରଣୀ ପାରି ହେବା ପାଇଁ ସବୁ ଦଳ ଓ ନେତା ବ୍ୟସ୍ତ ହୋଇ ପଡ଼ିଲେଣି। ଭୋଟରଙ୍କୁ ନିଜ ସପକ୍ଷରେ ବାନ୍ଧି ରଖିବା ପାଇଁ ନାନା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇବା ଆରମ୍ଭ ହେଲାଣି। ଜାତୀୟ ନେତାଙ୍କ ଠାରୁ ଆରମ୍ଭ କରି ରାଜ୍ୟର ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ରାଜନୈତିକ ଭବିଷ୍ୟତ ପାଇଁ ଚିନ୍ତିତ ହୋଇପଡ଼ିଲେଣି।

'କହ୍ନେଇ ପାଇଁ ଦୋଳଯାତ୍ରା', ପାଞ୍ଚବର୍ଷରେ ଥରେ ନିର୍ବାଚନ ଆସେ। ଏଥର ବି ଆସିଛି, ସେଥିପାଇଁ ସାରା ଦେଶରେ ଆରମ୍ଭ ହୋଇଯାଇଛି–ଯୋଦ୍ଧାମାନଙ୍କ ପ୍ରସ୍ତୁତି। ଗଣତନ୍ତ୍ର ପଦ୍ଧତିରେ ହେଉଥିବା ନିର୍ବାଚନରେ ଲୋକେ (ଭୋଟର) ହେଉଛନ୍ତି ମାଲିକ ଓ ସର୍ବସ୍ୱ। ସେହି ମାଲିକମାନଙ୍କ ପାଖରେ ନେତାଗଣ ଶରଣାପନ୍ନ ହେବାକୁ ଯାଉଛନ୍ତି। ଏମିତି ଆଉ କିଛିଦିନ କାର୍ଯ୍ୟକ୍ରମ ଚାଲୁ ରହିବ। ହେଲେ ଓଡ଼ିଶାରେ ଏସବୁର ବିଶେଷ କିଛି ପ୍ରଭାବ ଜଣାପଡୁନାହିଁ। ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପାଇଁ କେବେଠାରୁ ସେମାନଙ୍କର ପ୍ରସ୍ତୁତି, ବୈଠକ, ପ୍ରାର୍ଥୀ ଚୟନ ଓ ଚୁଡ଼ାନ୍ତ କରିବା ପ୍ରକ୍ରିୟାରେ ଲାଗିପଡ଼ିଛନ୍ତି। ଘନଘନ ବୈଠକ ବସୁଛି ସବୁ ଦଳର। ହେଲେ ଆସନ ଭାଗବଣ୍ଟା ଓ ପ୍ରାର୍ଥୀ ତାଲିକା ଚୁଡ଼ାନ୍ତ ହୋଇପାରୁ ନାହିଁ। ନିର୍ବାଚନୀ ରଣନୀତି ପ୍ରସ୍ତୁତ ପାଇଁ ସବୁଦଳ ତତ୍ପରତାର ସହ ପୁରା ଦମ୍‌ରେ ଲାଗିପଡ଼ିଲେଣି।

ହେଲେ ନିର୍ବାଚନ ପାଇଁ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ବାକି ସମସ୍ତେ (ସବୁ ରାଜନୈତିକ ଦଳ ଓ ନେତା) ଚିନ୍ତାରେ ପଡ଼ିଯାଇଛନ୍ତି। କେବଳ ଚିନ୍ତାରେ ନୁହେଁ, ସେମାନେ ଆଶା, ଆଶଙ୍କା ଓ ଭୟରେ ଦିନ କାଟୁଛନ୍ତି। ନବୀନଙ୍କୁ ଛାଡ଼ିଦେଲେ ଆଉ କାହାରି (କୌଣସି ନେତାଙ୍କର) ମନରେ ଖୁସି ନାହିଁ କି ମୁହଁରେ ହସ ନାହିଁ। କାରଣ ହେଲା–କେହି ଜଣେ ହେଲେ ନେତା ନିଶ୍ଚିତ ନୁହଁନ୍ତି କି ଆଗାମୀ ନିର୍ବାଚନରେ ଲଢିବାକୁ ତାଙ୍କୁ ସୁଯୋଗ ମିଳିବକି ନାହିଁ। ଦଳୀୟ ଟିକେଟ ମିଳିବ କି ନାହିଁ, ଶାସକ ଦଳ ସମେତ ଅନ୍ୟ ସବୁଦଳରେ ନେତାଙ୍କୁ ଏହି ଚିନ୍ତା ଘାରିଛି। ସେଥିପାଇଁ ସେମାନେ ବ୍ୟସ୍ତ, *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା

# ୧% ଧନୀଙ୍କ କବ୍‌ଜାରେ ୨୨.୬% ସମ୍ପତ୍ତି

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଵା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମୁତେ ।'


ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

---

ଏଣୁ ତେଣୁ

# କାବ୍ୟ କୌଣ୍ଡିନ୍ୟ–୩୭

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜପୁତ୍ର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ପିତାମହଙ୍କ ପ୍ରାରମ୍ଭିକ ଭାଷଣ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

ସୋମା ଓ କୌଣ୍ଡିନ୍ୟଙ୍କ ବିବାହ ସ୍ଥିର ପାଇଁ ସୋମାଙ୍କ ଜ୍ଞାତିଜନମାନଙ୍କ ଡକା ଯାଇଥିବା ସଭାରେ ସମସ୍ତେ ବିଧିବଦ୍ଧଭାବରେ ଉପସ୍ଥିତ ହେବାପରେ ସମସ୍ତଙ୍କ ମୁଖ୍ୟ ସୋମାଙ୍କ ପିତାମହ ତଥା ପାତାଳପୁରର ସମ୍ରାଟ ତାଙ୍କର ଯେଉଁ ପ୍ରାରମ୍ଭିକ ଉକ୍ତି ବଖାଣ କଲେ, ତାହା ଚଳିତ ଗୀତଟିରେ ସ୍ଥାନିତ ହୋଇଅଛି।

ଏହି ଗୀତର ଉତ୍କର୍ଷତା ଏହି ଯେ ଓଡ଼ିଆ ଓ ସଂସ୍କୃତରେ 'ଉ/ଊ' ଅକ୍ଷରରେ ଆରମ୍ଭ ଶବ୍ଦ ସଂଖ୍ୟା ନ୍ୟୂନ ଥିଲେ ମଧ୍ୟ ପୂର୍ବରୀତି ଅନୁସାରେ ପ୍ରତିପଦର ପ୍ରତି ଅଂଶର ଆଦ୍ୟ ଅକ୍ଷର ଭାବେ ଏହି ଦୁଇ ପ୍ରାୟତଃ ସମଧ୍ୱନି ବିଶେଷ ଅକ୍ଷର ରଖାଯାଇଛି। ଅତଏବ ଏହିଠାରେ ପୂର୍ବରୁ ସ୍ୱରବର୍ଣ୍ଣ ଆଦ୍ୟ ହୋଇ ଲେଖାମାନଙ୍କ ସହ ମିଶି ସମସ୍ତ ସ୍ୱରବର୍ଣ୍ଣରେ ଗୀତ ଲେଖା ଶେଷ ହେଲା।

ଉପସ୍ଥିତ ଥିବା ପ୍ରିୟ — ଉତ୍ସୁକ ମୋ ଜ୍ଞାତିଜନ
ଉପସ୍ଥିତ ଆତ୍ମ ବନ୍ଧୁ — ଉତ୍କଳ ବୀର କୌଣ୍ଡିନ୍ୟ ।।୧।।
ଉତ୍ତ୍ରଦେଶ ବୀରେ କରି — ଉଚ୍ଛ୍ୱସିତ ସମ୍ବର୍ଦ୍ଧନ
ଉଚିତେ କରୁଛି ତାଙ୍କ — ଉତ୍କର୍ଷ ଗୁଣ ବଖାଣ ।।୨।।
ଉତ୍ତମ ବୀରତା ଦେଖି — ଉଭା ହୃଦେ ପ୍ରେମ ହେଲା
ଉତ୍ସର୍ଗି ନିଜେ ନେଆଙ୍ଗ୍ — ଉଲ୍ଲାସ ଚିତ୍ତେ ବରିଲା ।।୩।।
ଉଦ୍ଦିଷ୍ଟ କଲେ ଉଭୟେ — ଉତ୍କୃଷ୍ଟ ସେନା ଗଢ଼ିବେ
ଉଦ୍ୟମ କରି କମ୍ବୁଜେ — ଉଚ୍ଚରୁ ଉଚ୍ଚକୁ ନେବେ ।।୪।।
ଉପେକ୍ଷିତ କମ୍ବୁଜରେ — ଉନ୍ନତ ଶାସନ ଆଣି
ଉନ୍ନୀତ କରିବେ ଉଚ୍ଚେ — ଉର୍ବୀରେ ହେବ ଅଗ୍ରଣୀ ।।୫।।
ଉପେକ୍ଷା ନ କରି ବୀର — ଉଦ୍‌ଗ୍ରୀବେ ଶିକ୍ଷା ଦେଲେ
ଉଚ୍ଚଗୁଣର ସେନାନୀ — ଉଭା ସେଠାରେ କରିଲେ ।।୬।।
ଊର୍ଣ୍ଣନାଭ ସମ ବୀର — ଉଦୟରୁ ଅସ୍ତ କାଳେ
ଉତ୍ସାହେ କରନ୍ତି କାର୍ଯ୍ୟ — ଉନ୍ନତି ଆଣି ଦେଶରେ ।।୭।।
ଉଭୟଙ୍କ ବିବାହାନ୍ତେ — ଉକ୍ତ ରାଜ୍ୟ ସିଂହାସନେ
ଉପବେଶନ କରିବେ — ଉପନୀତ ହେବା କ୍ଷଣେ ।।୮।।
ଉଭୟଙ୍କ ଶାସନରେ — ଉନ୍ନତି ହେବ ଦେଶର
ଉପାନ୍ତାଞ୍ଚଳ ମିଶ୍ରଣେ — ଊର୍ଦ୍ଧ୍ୱେ ଯିବ ତା' ଆକାର ।।୯।।
ଉକ୍ତ ବୀର ଜନ୍ମସ୍ଥାନ — ଉତ୍କଳ କଳିଂଗ ଦେଶ
ଊର୍ଦ୍ଧ୍ୱ କଳା ବୀରତ୍ୱରେ — ଉଚ୍ଚ ଅଟେ ଯା'ର ଯଶ ।।୧୦।।
ଉଚ୍ଚ ବ୍ରାହ୍ମଣ କୁଳରୁ — ଉଦ୍ଭବ ସେ ଜ୍ଞାନୀ ବୀର
ଉତ୍କର୍ଷତା କି ବୋଲିବି — ଊଣା ପଡିବ ଶବ୍ଦର ।।୧୧।।
ଉତ୍କଳରୁ ଆସିଛନ୍ତି, — ଉଦଧି ଲଂଘି କମ୍ବୁଜ
ଉକ୍ତ ସ୍ଥାନେ କରିବେ ସେ — ଉନ୍ନୟନ ଗତି ରାଜ୍ୟ ।।୧୨।।
ଉଲ୍ଲସିତ ମନେ ଦିଅ — ଉପଯୁକ୍ତ ହିତାଶିଷେ
ଉରଗ ବଂଶ କରନ୍ତୁ — ଉଦ୍ଭାସିତ ବିନା କ୍ଲେଶେ ।।୧୩।।
ଉତ୍ତରପାଇଁ କହୁଛି — ଉପସ୍ଥିତ ବୀରବରେ
ଉ ଊରେ ଦୁର୍ଗାଚରଣ — ଉଲ୍ଲସିତେ ଅନ୍ତ କରେ ।।୧୪।।



**ଶବ୍ଦାର୍ଥ**

**ପଦ (୧)ରୁ (୪) :** ଉତ୍ସୁକ-ଆଗ୍ରହୀ। ଉତ୍ତ୍ର-ଉତ୍କଳ, ଓଡ଼ିଶାର ପୂର୍ବ ନାମ। ଉଚ୍ଛ୍ୱସିତ-ବହୁତ, ଉଚ୍ଚଭାବେ। ଉତ୍କର୍ଷ-ବହୁଳ ଗୁଣଶାଳୀ। ଉତ୍ସର୍ଗି ନିଜେ-ନିଜକୁ ତାଙ୍କ ପାଇଁ ତ୍ୟାଗ କରି ବା ସମର୍ପି ଦେଇ। ଉଦ୍ଦିଷ୍ଟ କଲେ-ଠିକ୍ କଲେ।

**ପଦ (୫)ରୁ (୯) :** ଉପେକ୍ଷିତ-ଅବହେଳିତ। ଉନ୍ନୀତ-ଉପରକୁ ଉଠାଇବା। ଉର୍ବୀ- ପୃଥିବୀ। ଉପେକ୍ଷା-ନ ଏଡ଼ାଇ, ଅବହେଳା ନ କରି। ଉଦ୍‌ଗ୍ରୀବେ-ଅତି ଆଗ୍ରହରେ। ସେନାନୀ- ସୈନ୍ୟଦଳ। ଊର୍ଣ୍ଣନାଭ-ବୁଢ଼ିଆଣି (ଯେ ଦିନ ରାତି କାମ କରୁଥାଏ)।

ଉଦୟରୁ ଅସ୍ତ-ସୂର୍ଯ୍ୟର ଉଦୟରୁ ଅସ୍ତ ସମୟରେ। ଉପବେଶନ-ବସିବା। ଉପନୀତ-ପହଞ୍ଚିବା। ଉପାନ୍ତାଞ୍ଚଳ-ରାଜ୍ୟ ସୀମାର ନିକଟରେ ଥିବା ସ୍ଥାନ।

**ପଦ (୧୦)ରୁ (୧୪) :**

ଊର୍ଦ୍ଧ୍ୱକଳା-କଳା ଯେଉଁଠାରେ ଅତି ଉନ୍ନତ। ଊଣା-କମ୍। ଉଦଧି-ସମୁଦ୍ର। ଉନ୍ନୟନ-ଉନ୍ନତିମୂଳକ ବିକାଶ। ଉରଗ ବଂଶ-ନାଗବଂଶ ବା ସର୍ପବଂଶ। ଉଦ୍ଭାସିତ-ତେଜବାନ୍। କ୍ଲେଶେ-କଷ୍ଟରେ। ବୀରବରେ-ବୀରଶ୍ରେଷ୍ଠଙ୍କୁ (କୌଣ୍ଡିନ୍ୟଙ୍କୁ)।

---

# ଅଷ୍ଟମ ଗର୍ଭକୁ ନା...



ନିବେଦିତା ପଟ୍ଟନାୟକ
ଭୁବନେଶ୍ୱର

କମ୍ ଉଚ୍ଚତା, ପତଳା, ବୟସ ଖୁବ୍ ବେଶୀ ୩୨-୩୩ ବର୍ଷ ହେବ । କାଖରେ ଦୁର୍ବଳ ଛୁଆଟିକୁ ଧରି ଆମ ପାଖରେ ବସିଲା ସରଶୀ । ଯେଉଁ ଛୁଆଟି ତା' କାଖରେ ଥିଲା ସେ ତା'ର ଅଷ୍ଟମ ଗର୍ଭର ଛୁଆ । ଯାହାକୁ ନେଇ ଅନେକ କଥା... କାହାଣୀ ଆଉ ରୋଚକ ତଥ୍ୟ ।

ବିଷମ କଟକ ବ୍ଲକର କୁର୍ଲୀ ଗ୍ରାମ ଯେଉଁଠାରେ ସମୁଦାୟ ୧୪୫ ପରିବାର ବାସ କରନ୍ତି । ସେମାନଙ୍କ ମଧ୍ୟରେ ହରିଜନ ପରିବାର ୧୧୦ ଓ ୩୫ ପରିବାର PVTG ସମ୍ପ୍ରଦାୟର । ଗ୍ରାମର ଲୋକସଂଖ୍ୟା ୧୦୦୩ । ୪ଝିଅ, ୪ପୁଅ, ସ୍ୱାମୀ, ସ୍ତ୍ରୀ ଓ ଶାଶୁ ଏପରି ମୋଟ ୧୧ଜଣଙ୍କୁ ନେଇ ସରଶୀର ପରିବାର। ସରଶୀ ଜାଣେ ନାହିଁ ସେ କେତେବର୍ଷରେ ବିବାହ କରିଥିଲା । ତା' ବଡ଼ଝିଅକୁ ବର୍ତ୍ତମାନ ୧୪ବର୍ଷ । ତେଣୁ ଅନୁମାନ କରାଯାଏ ଯେ ସେ ୧୫-୧୬ ବର୍ଷରେ ବିବାହ କରିଥିଲା । ଧୀର ସ୍ଥିର ଅଳ୍ପ କଥା କହୁଥିବା ସରଶୀ ବିବାହ ପରେ ଶାଶୁଘରକୁ ଆସି ଅନ୍ୟ ଆଦିବାସୀ ଝିଅମାନଙ୍କ ପରି ଘର କାମଧନ୍ଦା ସହ ଜଙ୍ଗଲକୁ ଯାଇ କାଠ ହାଣିବା, ଅଦାହଳଦୀ ଖୋଳିବା, ଆମ୍ବ, ପଣସ ତୋଳିବା ପରି କାର୍ଯ୍ୟ କରୁଥିଲେ। ସମୟ ଗଡ଼ିବା ସହ ସେ ୭ଟି ଛୁଆଙ୍କର ମା' ହୋଇଥିଲେ । ଲଗାତର ଛୁଆ ଜନ୍ମ ହେବାଦ୍ୱାରା ତାଙ୍କ ଶରୀର ଦୁର୍ବଳ ହୋଇଥିଲା । ତଥାପି ସେ ଅଷ୍ଟମ ଥର ପାଇଁ ପୁଣି ମା' ହେବେ ବୋଲି ଜଣାପଡ଼ିଲା ପରେ ଆରମ୍ଭ ହୋଇଥିଲା ଦ୍ୱନ୍ଦ୍ୱ। ଯାହାକୁ ନେଇ ସରଶୀ କୁହନ୍ତି, 'ମୁଁ ଯେତେବେଳେ ଅଷ୍ଟମ ଥର ପାଇଁ ଗର୍ଭଧାରଣ କଲି ସେତେବେଳେ ଆମ ସମ୍ପ୍ରଦାୟରେ ଥିବା ପରମ୍ପରାଗତ ବିଶ୍ୱାସ ମତେ ଅସୁବିଧାରେ ପକାଇଥିଲା' । PVTG ମାନଙ୍କର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିଶ୍ୱାସ କରନ୍ତି ଯେ ଅଷ୍ଟମ ଗର୍ଭରେ ଜନ୍ମ ହେଉଥିବା ଶିଶୁ ଅଶୁଭ । ସେ ଶିଶୁଟି ନିଜେ ମୃତ୍ୟୁବରଣ କରେ କିମ୍ବା ତା' ବାପା, ମା'ଙ୍କ ଭିତରୁ କାହାର ଜଣଙ୍କର କିମ୍ବା ଉଭୟଙ୍କ ମୃତ୍ୟୁ ହୁଏ । ଏହି ଅନ୍ଧବିଶ୍ୱାସ ପାଇଁ ସରଶୀ ନିଜର ଅଷ୍ଟମ ଗର୍ଭକୁ ନେଇ ସହଜ ଅନୁଭବ କରୁନଥିଲେ । ପରିବାର ସମ୍ପ୍ରଦାୟ ଚାପରେ, ଜଣେ ମା' ଭାବରେ ଶିଶୁକୁ ନଷ୍ଟ କରିବାକୁ ଚାହୁଁନଥିଲେ । ଅପର ପକ୍ଷରେ ଭାବୁଥିଲେ ଯଦି ଶିଶୁ ଜନ୍ମ ହେବା ପରେ ସଂଯୋଗବଶତଃ କିଛି ଅଘଟଣ ଘଟେ ତେବେ ସେ କ'ଣ କରିବେ ?

**(ଓଡ଼ିଶାରେ ୧୩ ପ୍ରକାର PVTG ବାସକରନ୍ତି । ଯେଉଁ ବନଜାତି ମାନଙ୍କର ଦଳରେ କମ୍ ବିକାଶ ହୋଇଥିଲା ସେମାନଙ୍କୁ ୧୯୭୩ ମସିହାରେ ଧେରେ କମିଶନ ପ୍ରିମିଟିଭ ଟ୍ରାଇବାଲ ଗ୍ରୁପ୍ ଭାବରେ ଏକ ବିଶେଷ ମାନ୍ୟତା ପ୍ରଦାନ କରିଥିଲେ । ୨୦୦୬ ମସିହାରେ ଭାରତ ସରକାର ଏହାକୁ ପର୍ଟିକୁଲାର ଭଲନେଇବଲ ଟ୍ରାଇବାଲ ଭାବରେ ପୁନର୍ବାର ନାମିତ କରିଥିଲେ । ଏମାନେ ମୁଖ୍ୟତଃ ୪ଟି କାରଣ ଯୋଗୁଁ ଅନ୍ୟ ମାନଙ୍କ ଠାରୁ ପଛୁଆ ରହିଥାନ୍ତି । ୧. ବୈଷୟିକ କୃଷିର ବ୍ୟବହାର ନ କରିବା ୨. ଜନସଂଖ୍ୟା ସ୍ଥିର ରହିବା ବା ହ୍ରାସ ପାଇବା ୩. ଅତ୍ୟଧିକ ନିମ୍ନ ସାକ୍ଷରତା ୪. ଆର୍ଥିକ ସ୍ତରରେ ଅନଗ୍ରସର ଓ ପଛୁଆ)**

ଅଷ୍ଟମ ଶିଶୁ ଅଶୁଭ ଏହା କ'ଣ ସତ ?

କୁର୍ଲୀ ଗାଁର ଜଣେ ବୟୋଜ୍ୟୋଷ୍ଠ ମହିଳା କହିଲେ, କାହିଁ କେତେ କାଳରୁ ଏପରି ବିଶ୍ୱାସ ଚଳିଆସୁଛି ଯେ ଅଷ୍ଟମ ଶିଶୁ ପରିବାର ପାଇଁ ଅଶୁଭ, ତାଙ୍କ ଜାଣିବାରେ ଅନେକ ବର୍ଷ ପୂର୍ବରୁ ସେ ଯେତେବେଳେ ବିବାହ କରି ଆସିଥିଲେ, ସେତେବେଳେ ମହିଳାଟି ଅଷ୍ଟମଥର ଗର୍ଭଧାରଣ କଲେ, ତା ଗର୍ଭକୁ ନଷ୍ଟ କରିଦିଆଯାଉଥିଲା । ଏବେ ସେପରି ବିଶ୍ୱାସ ଅଛି କି ? ସେ କହିଲେ, ହଁ ଅଛି, କିନ୍ତୁ କିଛି ପରିମାଣରେ କମିଛି । ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ଏଏନ୍‌ଏମ୍ ଦିଦି ଘରକୁ ଘର ବୁଲି ଏହା ଏକ ଅନ୍ଧବିଶ୍ୱାସ ବୋଲି ବୁଝାଇବାରୁ ସରଶୀ ପରି ମା'ଟି ଅଷ୍ଟମଗର୍ଭକୁ ଜନ୍ମ ଦେବାକୁ ସାହାସ କରୁଛନ୍ତି । ସେମାନଙ୍କ ମତରେ ୭ମ ଗର୍ଭ, ନବମ ଗର୍ଭର ଶିଶୁ ବାପା, ମା, ପରିବାର ପାଇଁ ଶୁଭ କିନ୍ତୁ ପରିବାରର ଭଲ ପାଇଁ ଅଷ୍ଟମଗର୍ଭର ଜନ୍ମକୁ ବାରଣ କରାଯାଏ। ଗାଁର ଅଙ୍ଗନୱାଡ଼ି ଦିଦି କୁହନ୍ତି ଯେ, 'ଯେତେବେଳେ ସରଶୀର ଅଷ୍ଟମଗର୍ଭ ହେଲା ସେତେବେଳେ ସେ ବହୁତ ଡରି ଯାଇଥିଲେ, କଣ କରିବେ, କଣ ନ କରିବେ କିଛି ଚିନ୍ତା କରି ପାରୁ ନଥିଲେ। ମୁଁ, ଆଶାଦିଦି ସବୁବେଳେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ବୁଝାଉ । ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିନ (CINI)ର କର୍ମକର୍ତ୍ତା ଆମ ସାଙ୍ଗରେ ମିଶି ପରିବାର ଲୋକଙ୍କୁ ବୁଝାଇବାରେ ଲାଗିଲେ। ସେମାନେ ଗାଁର କିଛି ବୟୋଜ୍ୟୋଷ୍ଠ ଲୋକଙ୍କୁ ଏକାଠି କରି ଏହା ଏକ ଅନ୍ଧବିଶ୍ୱାସ ବୋଲି ବୁଝାଇଲେ । କିନ୍ତୁ ଆମେମାନେ ୧୦୦% ସଫଳ ହୋଇପାରୁନଥିଲୁ । ଯେତେବେଳେ ସରଶୀ ନିଜେ ସିଦ୍ଧାନ୍ତ ଗ୍ରହଣ କଲେ ଯେ ସେ ଏ ଶିଶୁକୁ ଜନ୍ମ ଦେବେ ସେତେବେଳେ ଆମ ପାଇଁ ରାସ୍ତା ସୁଗମ ହୋଇଥିଲା। ଏ ଗାଁରେ ଆଉ କେହି ଅଷ୍ଟମଗର୍ଭ ଶିଶୁ ନାହାନ୍ତି କି ? ପ୍ରଶ୍ନର ଉତ୍ତରରେ ଆଶାକର୍ମୀ କହିଲେ, ଜଣେ ପୁଅଟିଏ ଅଛି ସେ ଏବେ ବଡ଼ ହୋଇ ବାହାରେ କାମ କରୁଛି । ପରିବାର ନିୟୋଜନ ବ୍ୟବସ୍ଥାରେ PVTGକୁ ଅନ୍ତର୍ଭୁକ୍ତ କରାଯାଇନଥିବାରୁ ପ୍ରାୟତଃ ସମସ୍ତଙ୍କର ପାଞ୍ଚ, ଛଅ, ସାତ ଛୁଆ ଅଛନ୍ତି। କିନ୍ତୁ ଏବେ ବି ଅଷ୍ଟମଛୁଆ ଉପରେ ପ୍ରଶ୍ନବାଚୀ ଛିଡ଼ା ହୋଇଛି । ଏହା ସେମାନଙ୍କର ପରମ୍ପରାଗତ ଅନ୍ଧବିଶ୍ୱାସ, ଅଶିକ୍ଷା ହୋଇପାରେ, କିନ୍ତୁ ଏହାକୁ ଦୂର କରିବା ପାଇଁ ସରକାର, ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମସ୍ତଙ୍କର ମିଳିତ ସହଯୋଗର ଆବଶ୍ୟକତା ରହିଛି । ଯାହାକୁ ନେଇ ଏତେ କଳ୍ପନା ଜଳ୍ପନା, କଥା କାହାଣୀ, ବିଶ୍ୱାସ ଅନ୍ଧବିଶ୍ୱାସ ସିଏ କିନ୍ତୁ ନିଜ ମା' ସରଶୀ କୋଳରେ ଥାଇ ଆଖିମିଟିକା ମାରି ଯେପରି କହୁଥିଲା, ମୁଁ ଅଶୁଭ ନୁହେଁ ପରିବାର ପାଇଁ କ୍ଷତିକାରକ ନୁହେଁ । ମୁଁ ଦେବଶିଶୁ ମଙ୍ଗଳକାରୀ।

---

# ଜଙ୍ଗଲ ସୁରକ୍ଷା – ଜୀବନ ରକ୍ଷା



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପ ଗଡ,
କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଇଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଞ୍ଚଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପ୍ରଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତ ବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନ ସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି, କଳକାରଖାନାମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସର ମୁଖ୍ୟ କାରଣ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଞ୍ଚଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟାରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟ ତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରାଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧିମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଞ୍ଚପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ ସବୁ ତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତଃପାର୍ଶ୍ୱରେ ଥିବା ବୃକ୍ଷ ଲତାମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସୀମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣାବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରାଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରୀ କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ। ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

---

# 'ହୋଲି'



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯


ପର୍ବ ପର୍ବାଣି ଆମ ଜୀବନରେ ଆନନ୍ଦ ଭରି ଦେଇଥାନ୍ତି । ଭାରତରେ ବାର ମାସରେ ତେର ପର୍ବ ପାଳନ କରାଯାଇଥାଏ । ଋତୁ ଚକ୍ରର ପରିବର୍ତ୍ତନକୁ ନେଇ ଆମେ ଅଲଗା ଅଲଗା ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବର କିଛି ନା କିଛି ମହତ୍ତ୍ୱ ରହିଛି। ରଙ୍ଗର ପର୍ବ ହୋଲି ଫାଲଗୁନ ମାସର ଶେଷ ଓ ଚୈତ୍ର ମାସର ଆରମ୍ଭରେ ପାଳନ କରାଯାଇଥାଏ । ଏହି ସମୟରେ ଶୀତ ଛାଡ଼ି ଆସିଥାଏ ଏବଂ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ଫାଲଗୁନ ପୂର୍ଣ୍ଣିମାକୁ ଆମେ ଦୋଳ ପୂର୍ଣ୍ଣିମା କହୁ । ଏହି ଦିନ ରାଧାକୃଷ୍ଣଙ୍କ ବିଗ୍ରହକୁ ଅବିର ଦ୍ୱାରା ସଜା ଯାଏ ଏବଂ ପୂଜା ଅର୍ଚ୍ଚନା କରାଯାଏ । ଦୋଳ ପୂର୍ଣ୍ଣିମାର ପର ଦିନ ଆମେ ହୋଲି ଖେଳି ଥାଉ । ଦୋଳ ପୂର୍ଣ୍ଣିମା ରାତିରେ ଅନେକ ସ୍ଥାନରେ ହୋଲି ଦହନ କରାଯାଏ । ହୋଲିକା ରାକ୍ଷସୀର ଦହନକୁ ମନେ ପକାଇ ହୋଲି ଦହନ କରାଯାଏ । ମଣିଷ ଭିତରେ ଥିବା ରାକ୍ଷସ ପ୍ରବୃତ୍ତିକୁ ହୋଲି ଦହନ ସହିତ ସତେ ଯେମିତି ଦହନ କରାଯାଇଥାଏ । ହୋଲି ହେଲା ଆସତ୍ୟ ଉପରେ ସତ୍ୟର ବିଜୟ ଓ ରାକ୍ଷସ ପ୍ରବୃତ୍ତି ଉପରେ ଦେବତ୍ୱର ବିଜୟର ପର୍ବ ।

ହୋଲିକା ରାକ୍ଷସୀ ହିରଣ୍ୟକାଶ୍ୟପର ଭଉଣୀ ଥିଲା । ହୋଲିକାକୁ ବ୍ରହ୍ମାଙ୍କଠାରୁ ବର ମିଳିଥିଲା ଯେ ସିଏ ନିଆଁରେ ପୋଡ଼ିବ ନାହିଁ । ଏହି ବର ପ୍ରଭାବରେ ସିଏ ପ୍ରହଲ୍ଲାଦକୁ କୋଳ କରି ନିଆଁରେ ପ୍ରବେଶ କରିଥିଲା, ଭାବି ଥିଲା ପ୍ରହଲ୍ଲାଦ ଜଳିଯିବ ଏବଂ ସିଏ ବଞ୍ଚି ଯିବ କିନ୍ତୁ ହୋଲିକା ଜଳିଯାଇଥିଲା ଆଉ ପ୍ରହଲ୍ଲାଦ ବଞ୍ଚିଯାଇଥିଲା । ହୋଲିକା ରାକ୍ଷସ ପ୍ରବୃତ୍ତିକୁ ପ୍ରତିନିଧିତ୍ୱ କରେ ପ୍ରହଲ୍ଲାଦ ଦେବତ୍ୱର ପ୍ରତିନିଧତ୍ୱ କରନ୍ତି । ହୋଲିରେ ଆମେ ବସନ୍ତର ଆଗମନକୁ ରଙ୍ଗ ସହିତ ସ୍ୱାଗତ କରିଥାଉ । ଏହା ବନ୍ଧୁ ମିଳନର ପର୍ବ । ହାତରେ ଅବିର ଧରି ଓ ରଙ୍ଗର ପିଚକାରୀ ଧରି ଆମେ ବନ୍ଧୁ ଓ ଆତ୍ମୀୟଙ୍କୁ ସ୍ୱାଗତ କରିଥାଉ । ହୋଲି ଆମ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଉପରେ ବେଶ୍ ପ୍ରଭାବ ପକାଇଛି।

ହୋଲି ରଙ୍ଗର ପର୍ବ ଏବଂ ଭାଇଚାରାର ପର୍ବ ହୋଇଥିବାରୁ ହୋଲି ଦିନ ବିଭିନ୍ନ ରାଜନୈତିକ ଦଳ ଏବଂ ଭାରତର ସାଧାରଣ ଜନତା ମହା ସମାରୋହରେ ରଙ୍ଗର ପର୍ବ ହୋଲି ପାଳନ କରନ୍ତି । ଭାରତରେ ବିଭିନ୍ନ ସ୍ଥାନ ବିଭିନ୍ନ ପ୍ରକାର ହୋଲି ଖେଳାଯାଏ । ବୃନ୍ଦାବନରେ ଫୁଲାନବାଲି ହୋଲି ଖେଳା ଯାଏ, ଫାଲଗୁନ ଏକାଦଶୀ ଦିନ ବାଙ୍କବିହାରୀ ମନ୍ଦିରରେ ଏହି ହୋଲି ଖେଳା ଯାଇଥାଏ । ଅନେକ ଜାଗାରେ ଲାଠୋମାର ହୋଲି ଦେଖିବାକୁ ମିଳିଥାଏ । ଲାଠୋମାର ହୋଲି ଲାଠି ଦ୍ୱାର ଖେଳାଯାଏ । ଏହା ମୁଖ୍ୟତଃ ବରସାନା ଓ ନନ୍ଦଗାଁରେ ଖେଳାଯାଏ। ଲାଠୋମାର ହୋଲିରେ ମହିଳାମାନେ ଲାଠି ଧରି ପୁରୁଷମାନଙ୍କୁ ଆକ୍ରମଣ କରିଥାନ୍ତି ଏବଂ ପୁରୁଷମାନେ ନିଜକୁ ମାଡରୁ ବଞ୍ଚାଇଥାନ୍ତି । ଏହା ବେଶ ରୋମାଞ୍ଚକର ଖେଳ ହୋଇଥାଏ। ଏହି ଦୁଇଟି ଗାଁ ରାଧା ଓ କୃଷ୍ଣଙ୍କ ଗାଁ ଭାବେ ପ୍ରସିଦ୍ଧ ତେଣୁ ଏଠାର ହୋଲି ସବୁଠାରୁ ନିଆରା । ନନ୍ଦଗାଁର ପୁରୁଷମାନେ ଏବଂ ବରସାନେର ମହିଳାମାନେ ଏହି ପର୍ବରେ ଭାଗ ନେଇଥାନ୍ତି । ନନ୍ଦଗାଁର ପୁରୁଷମାନଙ୍କୁ ବରସାନେର ମହିଳାଙ୍କର ମାଡରୁ ନିଜକୁ ରକ୍ଷା କରି ବରସାନେର ମହିଳାମାନଙ୍କୁ ରଙ୍ଗ ଲଗେଇବାକୁ ପଡିଥାଏ । ହୋଲିରେ ଥଣ୍ଡା ପାନୀୟ ଜଳ, ସର୍ବତ ଲୋକେ ପିଇଥାନ୍ତି କିନ୍ତୁ ବେଳେ ବେଳେ ଭାଙ୍ଗ ପିଇ ଲୋକେ ଉନ୍ମତ୍ତ ହୋଇଯାଇଥାନ୍ତି । ହୋଲି ଦିନ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଥାଏ, ଦୁର୍ଘଟଣାରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ପୁଲିସ ତରଫରୁ ଅନେକ କଟକଣା କରାଯାଇଥାଏ ଏବଂ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ । ଦକ୍ଷିଣ ଭାରତରେ ହୋଲି ପର୍ବ ଦେଖିବାକୁ ମିଳେନାହିଁ । ହୋଲି ମୁଖ୍ୟତଃ ଉତ୍ତର ଭାରତ, ପୂର୍ବ ଭାରତ ଓ ପଶ୍ଚିମ ଭାରତର ପର୍ବ । ହୋଲିରେ ଶିକ୍ଷା ଅନୁଷ୍ଠାନ, ଅଫିସ ଓ ଅନ୍ୟ ଅନୁଷ୍ଠାନ ଗୁଡିକରେ ଛୁଟି ହୋଇଥାଏ ତେଣୁ ଲୋକେ ହୋଲିର ଆନନ୍ଦ ବେଶ ଉପଭୋଗ କରିଥାନ୍ତି । ହୋଲିକୁ ବିଭିନ୍ନ ସଂପ୍ରଦାୟର ଲୋକମାନେ ପାଳନ କରିଥାନ୍ତି। ମୁଖ୍ୟତଃ ହିନ୍ଦୁ, ଶିଖ, ବୁଦ୍ଧ ଓ ଜୈନ ଧର୍ମର ଲୋକମାନେ ପାଳନ କରିଥାନ୍ତି । ହୋଲିର ଶୁଭ ଅଭିନନ୍ଦନ ସାଧାରଣ ଜନତାଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଇଥାଏ। କେମିକାଲ ରଙ୍ଗ, ହୋଲିର ଆନନ୍ଦକୁ ଫିକା କରିଦିଏ ତେଣୁ ସବୁବେଳେ କେମିକାଲ ରଙ୍ଗଠାରୁ ଦୂରେଇ ରହିବା ପାଇଁ ସଚେତନ କରାଯାଇଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ

## ଦଙ୍ଗା



**ରତ୍ନକାନ୍ତି ମିଶ୍ର**

କରିମ୍ ଖାଁ ଏଇ ସହରର ଶେଷ ମୁଣ୍ଡରେ ଗୋଟେ ଛୋଟିଆ ଦୁଇ ବଖୁରିଆ ଘରେ ରହେ । ବୟସ ଏବେ ଷାଠିଏ ପାଖାପାଖି ହେବ । ସିଏ ପରିଚିତ କରିମ୍ ଚଚା ନାଁରେ । ପିଲାଠୁଁ ବୁଢା ଏମିତିକି ତା'ଠାରୁ ବୟସରେ ବଡମାନେ ବି ତାକୁ କରିମ ଚଚା ଡାକନ୍ତି ।

କରିମ୍ ଚଚା କୁହେ ତା' ଜୀବନରେ ସେଇ ପିଲାଦିନେ ଘଟି ଯାଇଥିବା ଅଘଟଣର କଥା । ଦଙ୍ଗାରେ ତାଙ୍କ କୁଡ଼ିଆରେ କିଏ ନିଆଁ ଲଗେଇ ଦେଇଥିଲା । ତା' ଭିତରେ ରହିଯାଇଥିଲେ ତା ସହିତ ତା'ର ଦୁଇ ଭାଇ ଆଉ ମା' । ମସଜିଦ୍‌ରେ ନମାଜ ପଢୁଥିବା ବେଳେ ବାପା ରହିମ ଖାଁକୁ କେହି ନିପାତ କରିଥିଲା ସେଇ ଦଙ୍ଗାରେ ।

ଦଶ ବର୍ଷର କରିମ୍ ଖାଁ ନିଆଁ କବଳରୁ ଏକା ବାହାରିବାକୁ ସିନା ସକ୍ଷମ ହୋଇଥିଲା, ବେସାହାରା ହୋଇଯାଇଥିଲା । ସେଇ ଦିନଠାରୁ ଆରମ୍ଭ ହୋଇଯାଇଥିଲା ତା'ର ଜୀବନ ସଂଘର୍ଷ । ଭୟରେ ନିଜ ଇଲାକା ଛାଡି କାହିଁ କେତେ ଦୂର ଚାଲି ଚାଲି ଆସି ଏଇଠି ପହଞ୍ଚିଥିଲା । ଏଠି ସେଠି ଆଶ୍ରୟ ନେଇଥିଲା । କାହା କାହା ଦୟାରେ ଟ୍ରଲି ରିକ୍ସା ଟାଣି ପେଟ ପୋଷିବାକୁ ଉପଯୁକ୍ତ ହୋଇଯାଇଥିଲା । ସେଇ ବୟସରୁ କିଛି ଦିନ ଉତ୍ତାରୁ ଗୋଚର ଜାଗାରେ କୁଡିଆଟିଏ କରି ରହିଥିଲା ସେ ।

ଆରମ୍ଭରୁ ଟ୍ରଲି ରିକ୍ସା ଟାଣି ପେଟ ପୋଷୁଥିବା କରିମ୍ ମିଆଁ, ନିଜର ଫାଙ୍କା ସମୟରେ ଜଣକ ପାଖରେ ହେଲ୍‌ପର ଭାବରେ କାମ କରି ଖାସି ମାଂସ କାଟିବାର କଳା କଉଶଳ ଆୟତ୍ତ କରି ନେଇଥିଲା ।

ପ୍ରାୟ ବର୍ଷେ ଦୁଇ ବର୍ଷ କାମ ଶିଖିବା ପରେ ଆରମ୍ଭ କରିଥିଲା ନିଜର ମାଂସ ବେପାର । ସବୁଆଡୁ ଛେଳି କିଣିଆଣି ରାସ୍ତା କଡରେ ଗଛମୂଳେ ସିଏ ମାଂସ ବିକେ । ସେଇଟା ତାଙ୍କର କୌଳିକ ବେପାର ଥିଲା ବୋଲି ସିଏ କହେ । କିଛି ଦିନ ପରେ ତା ପରିବାରରେ ସାମିଲ ହୋଇଥିଲେ ତା ସ୍ତ୍ରୀ ଆଉ ଦୁଇ ପିଲା । ସେତେବେଳକୁ କରିମ୍ ଖାଁ ବିଧିବଦ୍ଧ ଭାବରେ ଜାଗା ଦୁଇ ଡିସିମିଲ କିଣି ତା' ଉପରେ ଛୋଟ ଘରଟିଏ କରିସାରିଥିଲା ।

ହିନ୍ଦୁ ପର୍ବପର୍ବାଣିରେ ଆଉ ସୋମବାର ଓ ଗୁରୁବାର ତାର କଂସେଇଖାନା ବନ୍ଦ ରୁହେ । ଦଶହରା, ହୋଲି, ଦୀପାବଳି ସବୁଥିରେ କରିମ୍ ଖାଁ ସାମିଲ ହୁଏ । କରିମ୍‌ର ବ୍ୟବହାରରେ ଗାଁ ଲୋକେ ଖୁସି ଥିଲେ ।

ଲୋକେ କହନ୍ତି କରିମ୍ ଖାଁର ଚୋପଡ ଚାଲିବାର ଧାରା ଅଲଗା । ଯେମିତି ସେ ଏକ ସୂତ୍ର ବାହାର କରିଛି ଜଟିଳ ଅଙ୍କକୁ ସରଳ ଉପାୟରେ ସମାଧାନ କରିବାକୁ ! ସେ ଯେତେ ଶୀଘ୍ର ଖାସି କାଟି ଗରାଖଙ୍କ ବରାଦ ଅନୁସାରେ ମାଂସ ଥଳିରେ ଭରି କାମ ଛିଣ୍ଡାଏ ଆଉ କେହି ପାରିବେ ନାହିଁ, ଏଇ ସହରରେ । ସବୁଠୁ ବଡ଼କଥା ହେଲା ତା' ଉପରେ ଥିବା ଲୋକଙ୍କର ବିଶ୍ୱାସ ।

କରିମ୍ ମିଆଁ ଯେ ଭଲ ଜିନିଷ ଦିଏ, ତା'ର ବ୍ୟବସାୟରୁ ଅନୁମାନ କରିହୁଏ । ତା ଦୋକାନ ପାଖରେ ପ୍ରବଳ ଗହଳି ଚହଳି ଲାଗି ରହିଥାଏ, ସେଦିନ ସେ ଯୋଗାଡି ଥିବା ଖାସି ତକ ସରିବା ପର୍ଯ୍ୟନ୍ତ ।

କରିମ୍ ମିଆଁ ଧୀରେ ଧୀରେ ଦୁର୍ବଳ ହେଉଥିଲା । ଇତି ମଧ୍ୟରେ ଝିଅର ବାହାଘର ସରି ଯାଇଥିଲା ଏବଂ ପୁଅ ରସୁଲ ଖାଁ ବାପାର ଧନ୍ଦା ସମ୍ଭାଳିବାକୁ ପାରଙ୍ଗମ ହୋଇଯାଇଥିଲା ।

ବାପା ପରି ପୁଅ ମଧ୍ୟ ଚୋପଡ ଚଲେଇବାରେ ସିଦ୍ଧହସ୍ତ ହୋଇଯାଇଥିଲେ । ପୁଅର ବାହାଘର ସାରି ନାତି ନାତୁଣୀଙ୍କ ମୁହଁ ଦେଖି ସାରିଥିଲା କରିମ୍ ଚଚା ।

ଦିନେ ରାତିରେ ଗୋଟିଏ ଅଘଟଣର ସାମ୍ନା କଲା କରିମ୍ ମିଆଁ । ସେତେବେଳକୁ ରାତି ପ୍ରାୟ ନଅଟା ପାଖାପାଖି । ବେପାର ବନ୍ଦ ହୋଇସାରିଥିଲା । ପୁଅ ଚୋପଡ ସବୁକୁ ଧୁଆଧୋଇ କରି ରଖିବା ଭିତରେ ବାପା କରିମ୍ ଖାଁ ସେଦିନର ହିସାବ କିତାବ, ଆଗାମୀ କାଲି କେଉଁଠୁ କେତୋଟି ଖାସି ଯୋଗାଡ ହେବ ଇତ୍ୟାଦି ବିଷୟରେ ପୁଅ ସହିତ ଆଲୋଚନା କରୁଥିଲା ।

ହଠାତ୍ ସାମ୍ନାରେ ଉଭା ହେଲା ଗୋଟିଏ ଛାୟା ମୂର୍ତ୍ତି..!

- କରିମ୍ ଚଚା, ମୋତେ ବଞ୍ଚେଇ ଦିଅ । ମୋ ପଛରେ ସେମାନେ ଆସୁଛନ୍ତି । ମୁଁ ଏଇ ପଡାର ଝିଅ । ଦୁଇ ଦିନ ହେବ ମୋତେ ସେମାନେ ଗୋଟିଏ ଘରେ ବାନ୍ଧି କରି ରଖିଥିଲେ । ମୋ ସହ ସେମାନେ... ଆଉ ବିଶେଷ କିଛି କହିବାର ପ୍ରୟୋଜନ ନଥିଲା । ସବୁ କିଛି ବୁଝି ଯାଇଥିଲେ ବାପ ପୁଅ ।

- ଶୁଣ, ଏଠି ଖାଲି ଜାଗା । ତୁ କୋଉଠି ଲୁଚିବୁ ? ଟିକିଏ ଆଗକୁ ଯାଇ କାହାରି ଘରେ ପହଞ୍ଚି ଆଶ୍ରୟ ମାଗିଲେ ଭଲ ହେବ । ଝିନ୍‌ଝଟ୍ ନ ମୁଣ୍ଡେଇବାକୁ କହିଲା ରସୁଲ ।

- ଭାଇ, ମୋତେ ଦୟାକର ଆଉ ଆଗକୁ ଯିବାକୁ ମୋର ସାହସ ନାହିଁ କି ଦେହରେ ବଳ ନାହିଁ । ମୁଁ ତୁମର ଯଦି ଭଉଣୀ ହୋଇଥାନ୍ତି..? ରସୁଲ ଖାଁ ତରଳି ଯାଇଥିଲା ଏତିକି କଥାରେ । ଚାହିଁଲା ବାପା ଆଡକୁ ସମ୍ମତିର ଆଭାସ ମିଳିଲା ।

ଦୁର୍ବୃତ୍ତ ମାନେ ଆସି ଯାଇଥିଲେ ପାଖକୁ । ଦୁଇଟି ଚୋପଡ ଧରି ବାପ ପୁଅ ଠିଆ ହୋଇଯାଇଥିଲେ ସେମାନଙ୍କ ସାମ୍ନାରେ । ସେମାନେ ଏଇ ଇଲାକାର ଅସାମାଜିକ ଯୁବକ ଏବଂ ଶାସକ ଦଳର ଭଡାଟିଆ ଗୁଣ୍ଡା ବୋଲି ସର୍ବଜନ ବିଦିତ ହୁଅନ୍ତୁ ପଛେ । ସେମାନେ ଯିଏ, ଏ ସମୟରେ ସେମାନଙ୍କ ଧମକରେ ଭୟଭୀତ ହୋଇନଥିଲେ ଦୁଇ ଯୋଦ୍ଧା । ସେମାନେ ଧମକ ଦେଇ ଫେରି ଯାଇଥିଲେ । ସେଇ ରାତିରେ ଝିଅଟିକୁ ତା ଘରେ ନିର୍ବିଘ୍ନରେ ପହଞ୍ଚେଇ ଦେଇଥିଲେ ବାପ ପୁଅ ।

ପରଦିନ କରିମ୍ ଖାଁ ପୁଅ ନାଁରେ ଝିଅର ଅପହରଣ ଏବଂ ଦୁଇ ଦିନ ଧରି ଧର୍ଷଣ କରିଥିବାର ଅଭିଯୋଗ କରି ପୋଲିସ ଷ୍ଟେସନ୍‌ରେ ଏଫ୍.ଆଇ.ଆର୍. ଦେବାକୁ ସେଇ ଦୁର୍ବୃତ୍ତମାନେ ପ୍ରବର୍ତ୍ତାଇ ଫେରିଲେ ସେଇ ଅସବର୍ଣ୍ଣ ଝିଅର ବାପା ମା'ଙ୍କ ପାଖରୁ । ନଚେତ୍ ପରିଣାମ ଭୟାବହ ହେବ ବୋଲି ଧମକ ବି ଦିଆଗଲା । ହେଲେ ସେମାନଙ୍କ ଇଚ୍ଛା ପୂରଣ କରିନଥିଲେ ପୀଡ଼ିତାର ପରିବାର ।

ସେଦିନ ରାତିରେ ସେଇ ଅସବର୍ଣ୍ଣ ପରିବାର ରହୁଥିବା ଘରୁ ଧୂମ୍ର କୁଣ୍ଡଳୀ ଉଠୁଥିବାର ଦେଖିଲେ ସମସ୍ତେ ।

ପ୍ରମୁଖ ଖବରକାଗଜ ପୃଷ୍ଠାରେ କିନ୍ତୁ ଖବର ଛପା ଯାଇଥିଲା ଭିନ୍ନ ଦୃଷ୍ଟିକୋଣରେ । ସାମ୍ପ୍ରଦାୟିକ ହିଂସାକାଣ୍ଡର ରଙ୍ଗ ଦେବାକୁ ଚେଷ୍ଟା କରାଯାଇଥିଲା ସେଥିରେ ।

କରିମ୍ ଖାଁ ଆଉ ତା ପୁଅ ନାଁରେ ଏଫ୍.ଆଇ.ଆର୍. ଦିଆଯିବାର ଥିବାରୁ ସେମାନଙ୍କ ପ୍ରରୋଚନାରେ ଅସବର୍ଣ୍ଣ ହିନ୍ଦୁ ପରିବାରଟିକୁ ନିଆଁ ଲଗେଇ ମାରିଦିଆଗଲା ।

ଏଇ ଖବରରେ ତାତି ଉଠିଲେ କିଛି ଲୋକ । କରିମ୍ ମିଆଁର ମାଂସ ଦୋକାନ ପାଖରେ ଭିଡ଼ ପରିଲକ୍ଷିତ ହେଲା । ପରଦିନ ସକାଳୁ ସକାଳୁ ରସୁଲ ଖାଁ ଥିଲା ଏକା ଦୋକାନରେ ।

- ତୋ ବାପା କୋଉଠି କିରେ ? ପଚାରିଲେ ଜଣେ ଅଜଣା ବ୍ୟକ୍ତି ।

- ସେ ପାଖ ଗାଁକୁ ଖାସି ଯୋଗାଡରେ ଯାଇଛନ୍ତି ।

- ଫେରିବ କେତେବେଳକୁ ?

- ଡେରି ହେବ ଟିକେ । ଦୂରକୁ ଯାଇଛନ୍ତି । କ'ଣ କହିବେ ମୋତେ କହୁ ନାହାନ୍ତି ।

ପ୍ରତି ଉତ୍ତରରେ ଶୁଭିଲା ଗୁଡୁମ୍ ଗୁଡୁମ୍ । ହଇଚଇ ଖେଳିଗଲା । ଦୋକାନ ପାଖରେ ରସୁଲ୍ ମିଆଁର ରକ୍ତ ଜୁଡୁବୁଡୁ ଦେହ ଲୋଟୁଥିଲା ତଳେ ।

ସେଇଦିନ ରାତିରେ କରିମ୍ ଚଚାର ଘରକୁ କିରୋସିନ ଢାଳି ନିଆଁ ଲଗେଇ ଦିଆଗଲା । ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲା କରିମ୍ ମିଆଁର ଛୋଟ ଆଶ୍ରୟସ୍ଥଳୀଟି ।

ସମସ୍ତେ ଭାବିଥିଲେ ରହିମ୍ ମିଆଁ ସହିତ ତା' ପରିବାରର ସମସ୍ତେ ଜଳି ପୋଡ଼ି ଭସ୍ମ ହୋଇ ଯାଇଥିବେ । ହେଲେ ସେ ଘର ଭିତରୁ କୌଣସି ମୃତ ଶରୀର ମିଳିନଥିବା କଥା ଜଣାପଡ଼ିଲା ।

ଏଥର କରିମ୍ ମିଆଁର ଚିହ୍ନା ପରିଚିତ ଘର ମାନଙ୍କରେ ଖାନ୍‌ତଲାସ୍ ଜାରି ରଖିଥିଲେ କିଛି ଲୋକ । ଯଦିଓ ପୋଲିସ ଫୋର୍ସ ସତର୍କ ଥିଲା । ମୁସଲିମ୍ ସମ୍ପ୍ରଦାୟ ଲୋକମାନେ ଏକ ଭୟାତୁର ଜୀବନ ବିତାଉଥିଲେ ।

ଖାଲି ମୁସଲିମ୍ ସମ୍ପ୍ରଦାୟ ନୁହେଁ ରହିମ୍ ମିଆଁର ପରିବାରକୁ କିଛି ହିନ୍ଦୁ ମାନଙ୍କର ଘରେ ବି ଖୋଜ୍ ଖବର ନିଆଯାଉଥିଲା । ଶେଷକୁ ସେମାନଙ୍କୁ ନିରାଶ ହେବାକୁ ପଡିଥିଲା ।

ଦିନେ ଦୁଇ ଦିନ ଭିତରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଲା ।

ରାତି ଅନ୍ଧକାରରେ ରହିମ ମିଆଁ ବିଷ୍ଣୁ ମିଶ୍ରଙ୍କ ଘରୁ ବାହାରି ପରିବାର ବର୍ଗଙ୍କ ସହ ବିନା ପ୍ରତିବନ୍ଧକରେ ପହଞ୍ଚି ଯାଇଥିଲା ରେଲୱେ ଷ୍ଟେସନ୍‌ରେ । କେବେ ଆମିଷ ଛୁଉଁ ନଥିବା ନୈଷ୍ଠିକ ବିଷ୍ଣୁ ମିଶ୍ର ଯେ ରହିମ ମିଆଁର ପରିବାରକୁ ବିପଦ ବେଳେ ଆଶ୍ରୟ ଦେଇଥିବେ ଏବଂ ନିଜେ ନେଇ ଷ୍ଟେସନ୍‌ରେ ଛାଡ଼ିବେ କାହାରି କଳ୍ପନାର ବାହାରେ ଥିଲା ।

କରିମ୍ ମିଆଁ ଟ୍ରେନ୍‌ରେ ବସି ସାରିଥିଲା । ପୁଣି କେଉଁ ବସ୍ତି ଖୋଜି ତାକୁ ନିଜ ବଂଶ ବୃକ୍ଷକୁ ବଢେଇବାକୁ ପଡିବ । ଏଇତ ଜୀବନ । ସେଥିରୁ ମୁହଁ ମୋଡ଼ିଦେବା କାପୁରୁଷତାର ଲକ୍ଷଣ ।

ନାତି ନାତୁଣୀ ଦୁହେଁ ଥିଲେ ନିର୍ବାକ୍ । ରସୁଲ୍ ପାଇଁ ତା ମାଆ ଆଉ ପତ୍ନୀଙ୍କ ଆଖିରୁ ଅବିରତ ଲୁହ ବୋହି ଚାଲିଥିଲା । ବାପଛେଉଣ୍ଡ ଦୁଇ ପିଲାଙ୍କୁ ଉପଯୁକ୍ତ ସଂସ୍କାର ଦେଇ ଗଢି ତୋଳିବାର ଦାୟିତ୍ୱ ନିଜ ଉପରକୁ ଆଉ ଥରେ ନେଇଯାଇଥିଲା କରିମ୍ ମିଆଁ..

ଏମିତି ଆଉ କେତେ ଦଙ୍ଗା ଆଉ ତାକୁ ଭେଟିବାକୁ ବାକି ଅଛି କେଜାଣି..?

*ଆଳି, କେନ୍ଦ୍ରାପଡା*



## ପାଇଛୁ... ପଢ଼ିଛୁ...



### ସମାରୋହ

ପ୍ରକାଶ ପାଇଛି ମାର୍ଚ୍ଚ ମାସର ସମାରୋହ । ଅନ୍ୟ ସଂଖ୍ୟା ପରି ଏଥରର ସଂଖ୍ୟା ମଧ୍ୟ ବେଶ୍ ସମୃଦ୍ଧ ହୋଇଛି । ଏହି ସଂଖ୍ୟାରେ ପ୍ରବନ୍ଧରେ ଅଛନ୍ତି ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ସବିତା ରାଣୀ ବେହେରା । କଥା ଓ କାହାଣୀରେ ଅଛନ୍ତି ରୁମ୍‌ଝୁମ୍ ନାୟକ, ଡକ୍ଟର ତ୍ରିନାଥ ପଟ୍ଟନାୟକ, ଉଷା ଶତପଥି, କମଳିନୀ ମଲ୍ଲିକ, ଭାଗିରଥୀ ବେହେରା, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଏବଂ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ । କବିତାରେ ଅଛନ୍ତି ଡା. ମନୋରଞ୍ଜନ ଦାଶ, ଅନ୍ନପୂର୍ଣ୍ଣା ମହାନ୍ତି, ଡକ୍ଟର ନୀଳମଣି ଲେଙ୍କା, ପ୍ରଫୁଲ୍ଲ କୁମାରୀ ରାୟ, ବାସନ୍ତୀ ଦାସ, ସୁଜିତ୍ କୁମାର ମିଶ୍ର, ରାଜଶ୍ରୀ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ । ଧାରାବାହିକ ଉପନ୍ୟାସରେ ଅଛନ୍ତି ଡାକ୍ତର ଇନ୍ଦ୍ରମଣି ଜେନା । ସେହିପରି ନିୟମିତ ବିଭାଗରେ ଅଛି ତନ୍ମାତ୍ର, ନୂଆ ଓଡ଼ିଆ ଚଳଚ୍ଚିତ୍ର, ଖେଳ ଓ ଖେଳାଳୀ, ଜ୍ୟୋତିଷ ବିଚାର ଏବଂ ମାସିକ ରାଶିଫଳ । ସଂପାଦକୀୟରେ ଶୈଳରାଣୀ ମିଶ୍ର 'ସମୟ ଏବଂ ନଦୀ' କାହାରିକୁ ଅପେକ୍ଷା ନ କରି ଚିରାଚରିତ ପନ୍ଥାରେ ଆଗେଇ ଚାଲିଥାଏ କାରଣ ଦୁହିଁଙ୍କ ଲକ୍ଷ୍ୟ ଥାଏ ନିଜ ନିଜ ଲକ୍ଷ୍ୟସ୍ଥଳିରେ ପହଞ୍ଚିବା ପାଇଁ ମାତ୍ର ମନୁଷ୍ୟ ଏହି ନିୟମକୁ ଅନୁସରଣ କରେ ନାହିଁ ବରଂ ସମୟ ନଷ୍ଟ କରୁଥାଏ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହାକୁ ନେଇ ସଂପାଦିକାଙ୍କ ଉଦ୍‌ବେଗ ଯଥାଯଥ । ୫୮ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୨୦ ଟଙ୍କା ।

### ସବୁଜ ସକାଳ




ପ୍ରକାଶ ପାଇଛି ଫରେଷ୍ଟ ପାର୍କ ମର୍ଣ୍ଣିଂ ୱାକର୍ସ ୱେଲଫେୟାର ଆସୋସିଏସନର ମୁଖପତ୍ର 'ସବୁଜ ସକାଳ' । ୯୪ ପୃଷ୍ଠାର ଏହି ପତ୍ରିକାଟିର ପରିପାଟୀ ଖୁବ୍ ଆକର୍ଷଣୀୟ ହୋଇଛି । ଏହି ଆସୋସିଏସନର ସଦସ୍ୟମାନଙ୍କ ଲେଖାରେ ପତ୍ରିକାଟି ସମୃଦ୍ଧ ହୋଇଛି । କିଛି ଲେଖା ଓଡ଼ିଆରେ ଏବଂ କିଛି ଇଂରାଜୀ ଉଭୟ ଭାଷାରେ ଲେଖା ହୋଇଛି । ଲେଖାଗୁଡ଼ିକ ମଧ୍ୟରେ ପ୍ରବନ୍ଧ, ଗଳ୍ପ ଏବଂ କବିତା ସ୍ଥାନ ପାଇଛି । କିଛି ଲେଖାରେ ଲେଖକମାନେ ସକାଳୁ ଚାଲିବା ସ୍ୱାସ୍ଥ୍ୟ ପାଇଁ କେତେ ହିତକାରକ ତାକୁ ଖୁବ୍ ସୁନ୍ଦର ଭାବରେ ବୁଝାଇଛନ୍ତି । ଦୁର୍ଗା ଚରଣ ଦାଶ ଏହି ପତ୍ରିକାର ମୁଖ୍ୟ ସଂପାଦକ ଥିଲାବେଳେ ସଂପାଦନାରେ ସହଯୋଗ କରିଛନ୍ତି ସୁବାସ ଚନ୍ଦ୍ର ପାତ୍ର, ପି.କେ. ଦାସ ଏବଂ ଆର.ସି. ସାମନ୍ତରାୟ । ପତ୍ରିକାର ଆରମ୍ଭରେ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ଫଟୋ ରହିଛି । ଓଡ଼ିଆ ବିଭାଗରେ ସବୁ ମିଶି ୩୮ଟି ଲେଖା ସ୍ଥାନ ପାଇଥିବା ବେଳେ ଇଂରାଜୀ ବିଭାଗରେ ସମୁଦାୟ ୧୩ଟି ଲେଖା ସ୍ଥାନ ପାଇଛି । ଏଥିରେ ଲେଖିଥିବା ଲେଖକମାନେ ହେଉଛନ୍ତି- ଶ୍ୟାମସୁନ୍ଦର ଅଗ୍ରୱାଲା, ପ୍ରଦ୍ୟୁମ୍ନ ଶତପଥୀ, ଡା.ପୂର୍ଣ୍ଣଚନ୍ଦ୍ର ବାହିନୀପତି, ଡା. ରବୀନ୍ଦ୍ର କୁମାର ପଣ୍ଡା, ଯୁଗଳ କିଶୋର ସାହୁ, ବିଷ୍ଣୁପଦ ସେଠୀ, କମଳିନୀ ମଲ୍ଲିକ, ଅରବିନ୍ଦ ବେହେରା, ସୁଭଦ୍ରା କର, ପ୍ରଶାନ୍ତ ନନ୍ଦ, ଅରବିନ୍ଦ ମିତ୍ର, ପ୍ରଦ୍ୟୁମ୍ନ କୁମାର ଦାସ, ଜୟାଶୀଷ ରାୟ, ହରେକୃଷ୍ଣ ଦାସ, ଡ.ଲିଙ୍ଗରାଜ ସାହୁ, ମୀନକେତନ ସୁବୁଦ୍ଧି, ରାମଚନ୍ଦ୍ର ସାମନ୍ତରାୟ ପ୍ରମୁଖ ।


## ହୋଲିରେ ହୋଲିରେ

**କୁନଲତା ତ୍ରିପାଠୀ**



ବ୍ରଜ ଆଜି ପଡୁଛି ଉଠୁଛି ହୋଲିରେ ହୋଲିରେ
ବୃଷଭାନୁ ରାଜନନ୍ଦିନୀ ସଙ୍ଗେ ଘେନି ବ୍ରଜ ବାସିନୀ
ବୃନ୍ଦା ବିପିନ ବିହାରିଣୀ ନୀଳାମ୍ବରେ ପରିଶୋଭିନୀ
ନାନା ରଙ୍ଗ ରସେ ମୃଦୁ ମନ୍ଦ ହାସେ ମାତିଛନ୍ତି କାହା ସଙ୍ଗରେ ।୦
ମନ ମୋହିନୀ ମରାଳଗାମିନୀ କୁସୁମ କୋମଳ ଚାରୁହାସିନୀ
ଛଇଳେ ଛବିଳ ପରଜାପତି ଲାଜରେ ମଥା ତା ଦେଉଛି ପୋତି
ମଦମତ୍ତ ଗଜ ଠାଣିରେ କେ ଆସେ ସାଥେ ଯା ବ୍ରଜ କୁମାରରେ । ୧
ବରଷୁଛି ରଙ୍ଗ ବରଷାପରି ନୀଳ ପିତ କ୍ରିଷ୍ଣ ଲାଲ ଆବୋରି
ଚିନ୍ମୟ ତନୁ ତରଳ ଭଙ୍ଗିରେ ଭିଜି ଭିଜାଇ ଅପୂର୍ବ ଶୋଭାରେ
ଆନନ୍ଦ ଅମୃତ ଧାରା ଝରୁଅଛି ସୁରେ ଦେଖୁଛନ୍ତି ସରଗ ପୁରେ । ୨
ବସୁଧା କରିବା ପାଇଁ ପାବନ ହୋଲି ଖେଳନ୍ତି କି ରାଧା ମୋହନ
ଜଗତ ଜୀବର କଲ୍ୟାଣ ଏହି ଦୁଃଖାଳୟେ ସୁଖ ଭରନ୍ତି ସାଇଁ
କୃପା ସରସୀରେ ଶତଦଳ ଶୋଭା ବର୍ଣ୍ଣିବାକୁ ଭାଷା କାହିଁରେ । ୩

*କଟକ*
*ଫୋନ-୮୩୩୯୦୫୧୧୭୩*



## ସମ୍ବଲପୁରୀ କବିତା



**ଗୁରୁ ପ୍ରସାଦ ସରକାର**

ମୋର୍ ମନ୍‌ଟା କେନ୍ତା କେନ୍ତା କରସି ଗୋ
ମୋର୍ ଘଏତା ନାଇଁ ଥିଲେ ଘରେ,
କେନ୍ କାମ୍‌ନେ ମୋର୍ ମନ୍ ନାଇଁ ଲାଗେ
ଚିଡ୍‌ଚିଡା ଲାଗ୍‌ସି ସବୁଥିରେ । (୧)

ବର୍ଷେ ହେଲା ଘଏତା ମୋର୍ ଯାଇଚନ୍
ତେଲଗୁ ରାଇଜ୍‌କେ କାମ କରି,
ମାଲିକ୍‌ର ଇଟା ଭାଟିନେ କର୍‌ସନ୍
କାମ୍ ମାଲିକ୍ ଘରେ ରହିକରି । (୨)

ମାସ୍‌କେ ଚାର୍‌ଦିନ୍ ଛୁଟି ପାଏସନ୍
ସେତେବେଳେ ଘର୍‌କେ ଆଏସନ୍,
ମୋର ଲାଗି ସେ କେତେ କାଣା ଘିନିକରି
ଯତନ୍ କରି ନିଜେ ଆନ୍‌ସନ୍ । (୩)

ଚାର୍‌ଦିନ୍ ତ ଯଲ୍‌ଦି କଟିଯାଏସି
ମତେ ତ ଜନା ନାଇଁ ପଡ଼େ ଟିକେ,
କାନ୍ଦି କାନ୍ଦି ଫେର୍ ବିଦା କରସି ତାଙ୍କୁ
ଯିବାର୍ ଲାଗି ତେଲଗୁ ଦେଶ୍‌କେ । (୪)

ପାଖେ କେନେ ତାଙ୍କୁ କାମ୍ ମିଲ୍‌ତା ଯଦି
ମୋର୍ ପାଖେ ଗୁଟେ ଠାନେ ରହେତେ,
ବୁଢ଼ୀ ଶାଶୁ, ବୁଢ଼ା ଶଶୁର ପୁଅ ଠାନୁ
ସେବା ଯତନ୍ ଟିକେ ତ ପାଏତେ । (୫)

କାହେକେ କହେମି ମୋର ଦୁଃଖର୍ କଥା
କିଏ କାଣା ମୋର୍ କଥା ଶୁନ୍‌ବା,
ନେତାମାନେ ଭୋଟ୍ ପ୍ରଚାର୍ ବେଲ୍‌କେ ତ
କହେବେ ସବୁକଥା ହେଇଯିବା । (୬)

ଭୋଟ୍ ସରିଗଲେ ନେତାମାନେ ଆମର
ଘର୍‌କେ କାହିଁର୍ ଲାଗି ଆସ୍‌ବେ ?
ସେଦିନ୍‌କେ ତ ମୁଇଁ ଟାକି ରହିଥିମି
ଇନେ ଘଏତା କାମ୍‌ଟେ ପାଏବେ । (୭)

**(ଅନ୍ୟ ରାଜ୍ୟକୁ ଖଟିବାକୁ ଯାଇଥିବା ଶ୍ରମିକର ପତ୍ନୀର ଶୋକ)**
*ମୋ-୯୪୩୭୦୩୦୪୫୩*

## ମୁକ୍ତିର ଆଉ ଏକ ମାର୍ଗ

**ରିନା ପରିଡ଼ା**

ଗଲା ଫଗୁଣକୁ ରାଣ ଦେଇ
ଫେରିବାକୁ ଭୁଲି ଯାଇଥିଲି ବୋଲି
ହୁଏତ ଆଜି ମୋ ତମାମ ରାସ୍ତାରେ ଶ୍ରାବଣର ପଦାର୍ପଣ..
ଇପ୍ସିତ ଇଚ୍ଛା ମାନଙ୍କର ତିରସ୍କାର
ଭବିଷ୍ୟ ଗନ୍ତବ୍ୟ ପଥର ତିରୋଧାନ

ଦୋଷ କିନ୍ତୁ ତୁମର, ମୋର ଅବା ଏ ସମୟର ନଥିଲା
ଅଥବା କହି ପାରିବିନି
ସବୁ ଦୋଷ ଏ ପ୍ରେମର ଥିଲା...
ଏ ଦୋଷ, ଏ ସମ୍ପର୍କର ବିଷ ଯାହାର ହେଉ ନା କାହିଁକି
ସେସବୁ ଏବେ ଚକ୍ରବ୍ୟୁହରେ ଆହତ
ଭାଗ୍ୟର ମାୟା ଷଡ଼ଯନ୍ତ୍ରରେ ନିର୍ବାପିତ
ହୃଦୟର ଦହନରେ ପ୍ରାୟତଃ ବହିଷ୍କୃତ !

ବୟସର ଛକାପଞ୍ଝାରେ
ଆଶାର ବିସ୍ତୀର୍ଣ୍ଣ ବାଲିଘର
ସଦୈବ ଧ୍ୱସ୍ତ ବିଧ୍ୱସ୍ତ !
ଏକଥା ବୁଝେଇବାକୁ ଯାଇ
କରି ସାରିଲଣି ଅନେକ ସମୀକରଣ
କଷି ସାରିଲଣି ଅନେକ ଉଦାହରଣ

ଏବେ ଛାଡ଼ ନା,
ଫେରିବାର ସେ ଶସ୍ତା ମାନସାଙ୍କ ଦେଇ ଦୂରେଇବାର ସୂକ୍ଷ୍ମ ରାସ୍ତା...
ଏଇ ଏବେ ଏବେ ଯେ
ଭୁଲେଇବାର ମୋହ ନେଇ
ପ୍ରତିଥର ପରି;
ଭୁଲିଯିବାର ସେ ସହଜ ଅଙ୍କ ସମ୍ବନ୍ଧରେ ମୁଁ ଏବେ ପ୍ରାୟ ବିଜ୍ଞ...
ଯାହା ଦିନେ ତୁମ ପଣର ମାୟାରେ ବଶୀଭୂତ ଥିଲା....

ପରିସ୍ଥିତିର ଗତିଧିକୁ ଦୋହଲେଇ
ମୁଁ କିନ୍ତୁ କରିବାକୁ ଚାହେଁନି
ଚୁକ୍ତି ଭିତ୍ତିକ ସନ୍ଧି !
ଯେଉଁଠି ପ୍ରେମ ଗୋଟେ ସନ୍ଧି ବିହୀନ ସଂଜ୍ଞା
ଯାହା ତୁମେ ଦିନେ ଶିଖେଇ ଦେଇ ଯାଇଥିଲ ...

ଅସହଜ ପ୍ରଶ୍ନ ମାନଙ୍କର ଉତ୍ତର ବତାଉଥିବା ମଣିଷଟା
କାହିଁକି ଏତେ ଅପାରଗ ତାହା ମୁଁ ଜାଣିବାକୁ ଚାହେଁନି...
ମୁଁ କିନ୍ତୁ ଚାହେଁ ଅନୁମତି !
ପାରୁଛ ଯଦି ଦେଇଦିଅ,
ପୂଜାରିଣୀର ବରଦାନ

ପ୍ରେମିକ ଶବ୍ଦର ତାତ୍ସଲ୍ୟରେ
ମୁଁ କରିବାକୁ ଚାହେଁନି ଦୋଷୀ
ମୋତେ କିନ୍ତୁ ଲୋଡ଼ା ପ୍ରଣୟ ନିର୍ବାଣ
ସେଥିପାଇଁ ହେ ପ୍ରିୟ !
ଅନୁରୋଧ ହୁଅ ମୋ ଇଷ୍ଟ !
ମୁଁ ଭୋଗିବାକୁ ଚାହେଁ,
ମୁକ୍ତିର ଆଉ ଏକ ମାର୍ଗ.... !

*ସ୍ନାତକୋତ୍ତର ପ୍ରଥମ ବର୍ଷ (ଶିକ୍ଷା), ଖୋର୍ଦ୍ଧା*
*ମୋ-୮୯୮୪୫୪୦୨୮୭*



## ପଖାଳ

**କୁଳମଣି ଷଡ଼ଙ୍ଗୀ**

ନଈକି ମାରିଲି ଖପରା ସଙ୍ଗାତ
ଡେଇଁ ଡେଇଁ ଗଲା ବୁଢ଼ି,
କାନ୍ତ ଆଣିଚନ୍ତି ପଖାଳ ଦିବସେ
ଚୁଙ୍ଗୁଡ଼ି ଶୁଖୁଆ, ବଡ଼ି

ଛୁଙ୍କଦିଆ ପଖାଳକୁ ସଙ୍ଗାତ ଲୋ
ବାସିଦହି ଅଦା ଛେଚା,
ତାଟିଆରେ ଦେଲି ଖଡ଼ାଶାଗ ପୁଣି
ଧାନୁଆଁ ମରିଚ କଞ୍ଚା

ବଡ଼ି ଚୁରା ସାଙ୍ଗେ ଆଳୁ ବାଇଗଣ
ଭରତା ଦେଲି ମୁଁ ବାଢ଼ି,
ପଖାଳ ବେଲାଟି କାନ୍ତ ଦେଲେ ଟେକି
ମାରି ସୁନ୍ଦର ଇଓଡ଼ି

ବାଙ୍କୀ ମହାନଦୀ ମାଛ ଲୋ ସଙ୍ଗାତ
ଗୁଣ୍ଡୁଣୀ ଖଡ଼ାର ଶାଗ,
କଣ୍ଟିଲୋ ପଠାର କଣ୍ଟେଇମୁଣ୍ଡୀ ଲୋ
ପଖାଳ ସାଙ୍ଗକୁ ପାଗ

ରସାଳ ସଜନା ଛୁଇଁ ଲୋ ସଙ୍ଗାତ
ଜିରା ବଟା ଦିଆ ଭଜା,
ଗାଁ ପୋଖରୀର ପଦ୍ମନାଡ଼ ଭଜା
ପଖାଳ ସାଙ୍ଗକୁ ମଜା

ଚୁନାଚୁନା କଟା କାକୁଡ଼ି ସାଙ୍ଗରେ
କଞ୍ଚା ବାରି ଲଙ୍କା ଫାଳ
ବଡ଼ା ହୋଇଥିବ ଠାଆରେ ପାପଡ଼,
ପାଟିରୁ ବହିବ ଲାଳ

ପାଳଛତୁ କଡ ମୁସୁମୁସୁ ଭଜା,
ଚୁନାମାଛର ବେସର,
ପଖାଳ କଂସାଟି ଟାଣିନିଏ,
ଶାଶୁଘର ଲାଗେ ବାପଘର

କଷି ପଣସର ଜିରାଦିଆ ଭଜା
ସାଙ୍ଗକୁ ଲଙ୍କା ପିଆଜ,
ଲେମ୍ବୁଦିଆ ସଜ ପଖାଳ ବେଲାଟି
ରାଜଭୋଗ ବୋଲି ହେଜ

ଓଡ଼ିଆ ପଖାଳ ବିଶ୍ୱ ବିଖ୍ୟାତ ଲୋ
କିଏ ହେବ ତାହା ସରି,
ମେ'ଫେୟାରରେ ସାହେବ ଖାଆନ୍ତି
ହାତ ଚାଟିଚୁଟି କରି ।

## ଭାବନାରେ ତୁମେ

**ରମାକାନ୍ତ ଦାସ**



ଜହ୍ନ ଯେବେ ଜକେଇ ଶୁଏ ଆକାଶ ଛାତିରେ
ଭାବନାରେ ଆସ ତୁମେ ମୋ ମନ ଅଗଣାରେ

ବିକ୍ଷିପ୍ତ ଅନ୍ଧାରେ ଶୁଭେ ତୁମ ପାଉଁଜିର ସ୍ୱନ
ଶିହରଇ ଦେହ ମୋର ଅସ୍ଥିର ହୁଏ ମୋ ମନ

ଶୁଷ୍କ ମନ ମୋର ଜୀଇଁ ଉଠେ ତୁମପାଇଁ
ପଥର ହୃଦୟ ବି ଧକ ଧକ ହୁଏ ତୁମ ସ୍ପର୍ଶ ପାଇ

ପବନଟା ଗୀତଗାଏ ଅମାନିଆ ହୋଇ
ଜହ୍ନଟା ବି ଲୁଚିଯାଏ ଯେବେ ତୁମେ ଦିଅ ଛୁଇଁ

ଆଖିରେ ମୋ ଭରିଦିଅ ଅସୁମାରୀ ସ୍ୱପ୍ନ
ମୋ ଅଜଣାତେ ତୁମେ ମତେ କର ଆଲିଙ୍ଗନ



ଶେଫାଳୀ ବି ଫୁଟି ହସେ ଟୋପାଟୋପା କାକରରେ
ଚେଇଁ ଉଠେ ସ୍ମୃତି ତୁମ ତୁମକୁ ମୁଁ ଝୁରେ

ନଦୀଟା ବି ଶୋଇଯାଏ ଝିଙ୍କାରୀ ଗାଏ ଗୀତ
ତୁମ ଭାବନାରେ ଗାଏ ଆମ ମିଳନ ସଙ୍ଗୀତ ।

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ - ୯୭୬୮୮୧୫୩୬୯*



## ଅଭିମନ୍ୟୁ

**ସଂଯୁକ୍ତା ଦାଶ**

କେତେ ଶୀଘ୍ର ରକ୍ତ ମାଂସର ଶରୀରଟା 'ବଡ଼ି' ହୋଇଗଲା
ସ୍ୱାଭିମାନୀ ଅସ୍ତିତ୍ୱଟା 'ଅସ୍ଥି' ହୋଇଗଲା
ପ୍ରାଣ ଛଳ ଛଳ ଅବୟବ 'ପ୍ରେତ' ହୋଇଗଲା
କର୍ମଚଞ୍ଚଳ ଜୀବନ 'କ୍ରିୟା' ଠାରେ ହାର ମାନିଗଲା
ସାଲାଇନ୍ ନସରୁଣୁ ଗଙ୍ଗାଜଳ ଲୋଡାହେଲା
ପ୍ରତିଟି ନିଃଶ୍ୱାସ ପାଇଁ ଚାଲିଥିବା ଯୁଦ୍ଧ
ଦୁଇ ତିନି.... ନଅ ଦଶ ଏଗାର... ଗଣନା
ଭିତରେ ନିଃଶବ୍ଦ ହୋଇଗଲା
ଶ୍ରଦ୍ଧାର ନିବିଡ ସ୍ୱର ହଜିଗଲା 'ଶୁଦ୍ଧ'ର କଠୋର ଶବ୍ଦରେ
ଔଷଧ ତାଲିକା କେତେ ଶୀଘ୍ର ରୂପାନ୍ତରିତ ହୋଇଗଲା
ପୁରୋହିତଙ୍କ 'କ୍ରିୟା' ତାଲିକାରେ

ଝିଅ କଣ ଜାଣିଥିଲା
ଆଇସିୟୁରୁ ତା ବାପାଙ୍କୁ ଘରକୁ ନ ଆଣି
ସ୍ୱର୍ଗଦ୍ୱାରକୁ ନେଇଯିବ
ଯେଉଁ ମୁହଁ ତାର ସବୁଠାରୁ ପ୍ରିୟ
ସେଥିରେ ଅଗ୍ନି ସଂଯୋଗ କରିବ
ଜୀବନକୁ ସରଳ ସ୍ୱଚ୍ଛନ୍ଦ ଜୀଉଁଥିବା ନିରୀହ ସ୍ୱୀଟି
କ'ଣ ସ୍ୱପ୍ନରେ ଭାବିଥିଲା
କେତେ କେତେ ଜୀବନକୁ ଗଢିଥିବା
କେତେ ଅସମ୍ଭବକୁ ସମ୍ଭବ କରିଥିବା
କର୍ତ୍ତବ୍ୟ ଆଉ ଦାୟିତ୍ୱର ଦୀକ୍ଷା ନେଇଥିବା
ପ୍ରିୟ ମଣିଷଟି ତାର ଏ ସାମାନ୍ୟ ପରୀକ୍ଷାଟିରେ
ଚକ୍ରବ୍ୟୁହର ଅଭିମନ୍ୟୁ ପରି ପରାସ୍ତ ହୋଇଯିବ ?

*ମୋ- ୮୪୨୦୮୯୬୫୪୬*



# ବିଦେଶରେ ମହକୁଛି ଓଡ଼ିଶା ଫୁଟ୍‌ବଲ୍ ପ୍ଲେୟାର ରୂପଶ୍ରୀଙ୍କ ପ୍ରତିଭା

**ସୁନ୍ଦରଗଡ଼**



ଗାଁରୁ ବାହାରି ବିଦେଶରେ ଦେଶ ଓ ରାଜ୍ୟର ନାଁ ଉଜ୍ଜ କରୁଛନ୍ତି ଓଡ଼ିଶାର କୁନି ଫୁଟ୍‌ବଲ୍ ତାରକା ରୂପଶ୍ରି ମୁଣ୍ଡା। ରାଷ୍ଟ୍ରୀୟ ଚମ୍ପିଆନ-ସିପ୍‌ରେ ପ୍ରତିଭା ଦେଖାଇଛନ୍ତି କେନ୍ଦୁଝର ଜିଲ୍ଲା ଯୋଡା ତହସିଲ ହଟିଂ ଗାଁର ରୂପଶ୍ରୀ ମୁଣ୍ଡା। ସୁନ୍ଦରଗଡ କ୍ରୀଡ଼ା ଛାତ୍ରାବାସରେ ରହି ନିଜ ଫୁଟବଲ ଦକ୍ଷତାକୁ କରୁଛନ୍ତି ଆହୁରି ଶାଣିତ।

ନେପାଳରେ ଆୟୋଜିତ ସାଫ ଚମ୍ପିଆନସିପ୍ ଖେଳିବାକୁ ଯାଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ ୧୪ ବର୍ଷିୟା ରୂପଶ୍ରୀ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଭାରତ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଂଲାଦେଶ ଠାରୁ ଗୋଟିଏ ଗୋଲ ବ୍ୟବଧାନରେ ହାରି ଉପ-ବିଜେତା ହୋଇଛି। ଦଳ ସିନା ଉପ-ବିଜେତା ହୋଇଛି ହେଲେ ରୂପଶ୍ରୀଙ୍କ କ୍ରୀଡ଼ା ପ୍ରତିଭାକୁ ନେଇ ଏବେ ସବୁଠି ଚର୍ଚ୍ଚା। ରୂପଶ୍ରୀ କେବଳ ଏହି ସାଫ ଗେମ୍ ନୁହେଁ, ଜୁନିୟର ନ୍ୟାସନାଲରେ ପ୍ଲେଇଂ ଇଲେଭେନର ବି ଅଂଶ ଥିଲେ। ପରେ ଇଣ୍ଡିଆ ଟିମ୍ ପାଇଁ ମନୋନୀତ ହୋଇ ପ୍ରଥମ ଥର ପାଇଁ ଅଣ୍ଡର ୧୬ ସାଫ ଗେମରେ ଦେଶକୁ ପ୍ରତିନିଧିତ୍ୱ କରିଥିଲେ। ନେପାଳ, ଭୁଟାନକୁ ପରାସ୍ତ କରି ବାଙ୍ଗଲାଦେଶ ଠାରୁ ପରାସ୍ତ ହୋଇ ଦଳ ଉପ-ବିଜେତା ହୋଇଥିଲା। ଆଗାମୀ ଦିନରେ ସେ ସିନିୟର ଭାରତୀୟ ଦଳକୁ ପ୍ରତିନିଧିତ କରିବା ପାଇଁ ସ୍ୱପ୍ନ ରଖିଛନ୍ତି।ରୂପଶ୍ରୀ ସାଫ ଗେମ୍ ଖେଳି ଉପ-ବିଜେତା ହୋଇ ଆସିବା ପରେ ସୁନ୍ଦରଗଡ କ୍ରୀଡ଼ା ଛାତ୍ରାବାସରେ ତାଙ୍କୁ ସ୍ୱାଗତ କରିବା ସହିତ ସେଲିବ୍ରେସନ କରିଛନ୍ତି ତାଙ୍କ ସହଯୋଗୀ।

# ଟି-୨୦ରେ ପ୍ରଥମ ଭାରତୀୟ ଭାବେ ୧୨ ହଜାର ରନ୍ ପୂରଣ କଲେ ବିରାଟ

**ଚେନ୍ନାଇ**

ପ୍ରଥମ ଭାରତୀୟ ଭାବେ ଟି-୨୦ରେ ବଡ଼ ରେକର୍ଡ କରିଛନ୍ତି ବିରାଟ କୋହଲି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପାଇଁ ଆଇପିଏଲ ଖେଳୁଥିବା ବିରାଟ ୨୦୨୪ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଟି-୨୦ କ୍ରିକେଟ (ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ମ୍ୟାଚ୍)ରେ ୧୨ ହଜାର ରନ ପୂରଣ କରିଛନ୍ତି। ଶୁକ୍ରବାର ଚେନ୍ନାଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚ୍ ପୂର୍ବରୁ ଟି-୨୦ରେ ବିରାଟଙ୍କ ସ୍କୋର ୧୧,୯୯୪ ଥିଲା




ସେ ୧୨ ହଜାର ଠାରୁ ୬ ରନ ପଛରେ ଥିଲେ। ଏହାକୁ ସେ ବେଶ୍ ସହଜରେ ହାସଲ କରି ନେଇଛନ୍ତି। ତେବେ ପରବର୍ତ୍ତୀ ଅବସ୍ଥାରେ ବିରାଟ ଶୁକ୍ରବାର କେବଳ ୨୦ ବଲରେ ୨୧ ରନ କରି ବାଂଲାଦେଶର ଦ୍ରୁତ ବୋଲର ମୁସ୍ତାଫିଜୁର ରହମନଙ୍କ ବଲରେ ଆଉଟ ହୋଇଛନ୍ତି। କିନ୍ତୁ ଆଉଟ ହେବା ପୂର୍ବରୁ ସେ କ୍ରିସ ଗେଲ୍ ଓ କାଏରନ ପୋଲାର୍ଡଙ୍କ ଭଳି ଖେଳାଳିଙ୍କ ତାଲିକାରେ ନିଜକୁ ସାମିଲ କରି ନେଇଛନ୍ତି। ଟି-୨୦ କ୍ରିକେଟରେ ସର୍ବାଧିକ ରନ ହାସଲ କରିଥିବା କ୍ରିକେଟରଙ୍କ ତାଲିକାରେ ଗେଲ୍ ସବୁଠାରୁ ଉପରେ ରହିଛନ୍ତି। ସେ ୧୪୫୬୨ ରନ କରିଛନ୍ତି। ତାଙ୍କ ପଛକୁ ୧୩,୩୬୦ ରନ ସହ ପାକିସ୍ତାନ ଶୋଏବ ମଲିକ ରହିଛନ୍ତି।

ପୋଲାର୍ଡ ୧୨,୯୦୦ ରନ ସହ ତୃତୀୟ ଓ ଇଂଲିଶ ଟିମର ଆଲେକ୍ସ ହେଲନ୍ସ ୧୨,୩୧୯ ରନ ସହ ୪ର୍ଥ ସ୍ଥାନରେ ଅଛନ୍ତି। ୧୨୦୬୫ ରନ ସହ ଡାଭିଡ ଓ୍ୱାର୍ଣ୍ଣର ୬ଷ୍ଠ ଓ ତାଙ୍କ ପଛକୁ କୋହଲି ରହିଛନ୍ତି। ବିରାଟ ୩୭୭ ଟି-୨୦ ମ୍ୟାଚ୍ ଓ ୩୬୦ ଇନିଂସରେ ୧୨ ହଜାର ରନର ମାଇଲଖଣ୍ଟ ଅତିକ୍ରମ କରିଛନ୍ତି।

# ଆନ୍ଧ୍ର ପ୍ରଦେଶରେ ହେବାକୁଥିବା ଜାତୀୟ ସବ୍‌ଜୁନିଅର ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶା ଦଳରେ ୧୯ ଖେଳାଳି

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ଅସିଚାଳନା ସବ୍‌ଜୁନିଅର ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ରୀଡ଼ା ବିଭାଗ ଓଡ଼ିଶାଙ୍କ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗତ ୨ ମାର୍ଚ୍ଚରୁ ରାଜ୍ୟ ଅସିଚାଳନା କ୍ୟାମ୍ପ ଅନୁଷ୍ଠିତ ହୋଇ ଯାଇଛି। ଏହି କ୍ୟାମ୍ପକୁ ଭୁବନେଶ୍ୱର ଅସିଚାଳନା ଏକାଡେମୀର କୋଚ୍ ସୁକାନ୍ତ କୁମାର ସେଠ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲର କୋଚ୍ ରୋଶନ ସାହୁ ଏବଂ ଅନ୍ୟାଶା ରାଉତ ପରିଚାଳନା କରିଥିଲେ। ଏହି କ୍ୟାମ୍ପରେ ମୋଟ୍ ୩୫ ଜଣ ଖେଳାଳି ଯୋଗ ଦେଇଥିଲେ। ସେଥିମଧ୍ୟରୁ ୧୯ ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ଆସନ୍ତା ୨୫ ମାର୍ଚ୍ଚରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ରାଜା ମହେନ୍ଦ୍ରବାରମ ଆନ୍ଧ୍ର ପ୍ରଦେଶରେ ସବ୍ ଜୁନିଅର ଅସିଚାଳନା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।

ବାଳକ ଦଳରେ ଲିଖିତ କୁମାର ବିଶ୍ୱାଳ, ନିଶାଙ୍କ ଶେକାର ପଟେଲ, ଆଦିତ୍ୟ ଶର୍ମା, ରୀତିଶ କୁମାର ପରିଡା, ସ୍ୱାଗତ ପଟେଲ, ଓଁକାର ପଟେଲ, ପଦ୍ମଲୋଚନ ନାଏକ, ଦେବାଶିଷ ପଟେଲ, ଶାଶ୍ୱତ ପଟେଲ କାହ୍ନା ଗଡ଼ତିଆ, ବିଭୁତି ଶଙ୍କର ପଟେଲ, ଓମ୍‌ଶଙ୍କର ପଟେଲ ମନୋନୀତ ହୋଇଥିବା ବେଳେ ବାଳିକା ଦଳରେ ଝିଲି ସେଠ, ଜିଜ୍ଞାସା ମହାନ୍ତି, ସାରିକା ପଟେଲ, ଶ୍ରୀୟ ଶ୍ରୁତି ପଟେଲ, ଝରଣା ସେଠ, ସିୟୋନା ପଟ୍ଟନାୟକ, ନମ୍ରତା ପଟେଲ ମନୋନୀତ ହୋଇଛନ୍ତି।

## ଏଲ୍‌ଏଲ୍‌ସିସି କପ୍

# ସେମିରେ ଏଲଏଲସିସି, ଫାଇନାଲରେ ରାମେଶ୍ୱର




**ଭୁବନେଶ୍ୱର**

ଲାଇଭ ଲିଜେଣ୍ଡ କ୍ରିକେଟ କ୍ଲବ(ଏଲଏଲସିସି) ପକ୍ଷରୁ ଚାଲିଥିବା ୧୪ ବର୍ଷରୁ କମ୍ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି ରାମେଶ୍ୱର ସ୍ପୋର୍ଟିଂ। ସେମି ଫାଇନାଲରେ ଦଳ ବେଶ୍ ରୋମାଞ୍ଚକର ଢଙ୍ଗରେ ସହିଦ ସ୍ପୋର୍ଟିଂକୁ ମାତ୍ର ଗୋଟିଏ ଓ୍ୱିକେଟରେ ହରାଇ ଫାଇନାଲ ଟିକେଟ ହାତେଇଛି।

ପ୍ରଥମେ ବ୍ୟାଟିଂ କରି ସହିଦ ସ୍ପୋର୍ଟିଂ ୨୮.୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୫୮ ରନ କରିଥିଲା। ଦଳ ପୂରା ୩୦ ଓଭର ବି ଖେଳିପାରି ନଥିଲା। ସହିଦ ସ୍ପୋର୍ଟିଂ ପକ୍ଷରୁ ଆଦିତ୍ୟ ରାଜ ୪୮ ବଲରେ ସର୍ବାଧିକ ୫୫ ରନ ଓ ଓମ୍ ପ୍ରକାଶ ନାୟକ ୩୮ ବଲରେ ୩୪ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ଆଭାନ ମିଶ୍ର, ଏମ ସାଇ କୌଶିକ ଓ ବିମଳଜ୍ୟୋତି ବେହେରା ୨ଟି ଲେଖାଏଁ ସଫଳତା ପାଇଥିଲେ।

୧୫୯ ରନର ଟାର୍ଗେଟ ପାଇଥିବା ରାମେଶ୍ୱର ୨୭.୩ ଓଭର୍‌ରେ ୯ ଓ୍ୱିକେଟ ହରାଇ ବିଜୟ ଲକ୍ଷ୍ୟକୁ ହାସଲ କରି ନେଇଛି। ଦଳ ପକ୍ଷରୁ ଅଧିନାୟକ କୁମାର ଏ ସ୍ୱାଇଁ ସର୍ବାଧିକ ୪୮, ଆର୍ଯ୍ୟ ଆୟୁଷ୍ମାନ ସାହୁ ୨୮ ଓ ଆକାଶ ସାହୁ ୨୦ ରନ କରିଥିଲେ। ସହିଦ ସ୍ପୋର୍ଟିଂ ପକ୍ଷରୁ ଓମ୍ ପ୍ରକାଶ ନାୟକ ୩ଟି, ରଗୀତ ସାହୁ ୨ଟି, ନୀଲେଶ ଏସ ଦାଶ ଓ ବିଶ ପି ସାମନ୍ତରାୟ ଗୋଟିଏ ଲେଖାଏଁ ଓ୍ୱିକେଟ ନେଇଥିଲେ ହେଁ ଏହା ବିଜୟ ପାଇଁ ଯଥେଷ୍ଟ ନଥିଲା। ୪ ଓଭରରେ ୩୪ ରନ ଦେବା ସହ ୨ଟି ଓ୍ୱିକେଟ ପାଇଥିବା ଏମ୍ ସାଇ କୌଶିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି।

ପ୍ରଥମ ସେମି ଫାଇନାଲ ପୂର୍ବରୁ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ ଆୟୋଜକ ଏଲଏଲସିସି କଟକର ୟୁନିୟର ସ୍ପୋର୍ଟିଂକୁ ୧୨୫ ରନରେ ହରାଇ ସେମିରେ ପ୍ରବେଶ କରିଛି। ଶନିବାର ଦଳ ଟାଉନ କ୍ଲବ ବିପକ୍ଷରେ ସେମି ଫାଇନାଲ ଖେଳିବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଏଲଏଲସିସି ମିଧାଂଶୁ ଦାସଙ୍କ ୭୮ ବଲରେ ୧୩୭ ଓ ଆଦର୍ଶ ଦାସଙ୍କ ୪୦ ବଲରେ ୪୮ ରନ ବଳରେ ନିର୍ଦ୍ଧାରିତ ୩୦ ଓଭରରେ ୨ ଓ୍ୱିକେଟ ହରାଇ ୨୯୫ ରନ କରିଥିଲା।

ଏହାର ଜବାବରେ ୟୁନିୟନ ସ୍ପୋର୍ଟିଂ ପାଇଁ ଅଭିସ୍ୱରୂପ ନାୟକ ୩୪ ବଲରେ ୫୨ ରନର ଇନିଂସ ଖେଳିଥିଲେ ହେଁ ଦଳ ୯ ଓ୍ୱିକେଟ ହରାଇ କେବଳ ୧୭୦ ରନ କରିବାକୁ ସକ୍ଷମ ହୋଇଥିଲା। ଦମ୍‌ଦାର ଶତକ ପାଇଁ ମିଧାଂଶୁ ଦାସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# ଚର୍ଚ୍ଚାରେ ଖାନ୍ ଭ୍ରାତା : ରାଜ୍ କରିବେ ମୁସୀର୍ ଓ ସର୍ଫରାଜ

**ନୂଆଦିଲ୍ଲୀ**

ବିଶ୍ୱ କ୍ରିକେଟ୍‌ରେ ଭାଇ ଭାଇ ଯୋଡ଼ିଙ୍କ ଉଦାହରଣ କିଛି କମ୍ ନାହିଁ। ଭାରତରେ ମଧ୍ୟ ଏହି ତାଲିକା ବେଶ୍ ଲମ୍ବା କିନ୍ତୁ, ଖାନ ଭାଇ ସର୍ଫରାଜ୍ ଓ ମୁସୀର୍‌ଙ୍କ ଚର୍ଚ୍ଚା ଏବେ ଚାରିଆଡ଼େ ଖେଳ ଜୀବନ ଆରମ୍ଭରୁ ଏହି ଦୁଇ ଭାଇଙ୍କ ଆଲୋଚନା ଅନ୍ୟମାନଙ୍କୁ ଢେର୍ ପଛରେ ପକାଇ ଦେଇଛି। ଆଉ ଏହାର ଅନେକ ବଳିଷ୍ଠ କାରଣ ବି ରହିଛି। ଭାରତୀୟ କ୍ରିକେଟ୍‌ରେ ଢେର୍ ଦିନଯାଏଁ ଏହି ଖାନ ଭ୍ରାତାଙ୍କ ରାଜ୍ ଜାରି ରହିବ ବୋଲି କ୍ରିକେଟ୍ ବିଶାରଦ ଆକଳନ କରୁଛନ୍ତି। ଅପୂର୍ବ କୃତିତ୍ୱ, ସଫଳତା ଓ ସଂଯୋଗର ତ୍ରିବେଣୀ ସଂଗମ। ଦୁଇ କ୍ରିକେଟର୍ ଭାଇ ସର୍ଫରାଜ୍ ଓ ମୁସୀର୍‌ଙ୍କୁ ଆଲୋଚନାର ପରିସରକୁ ଆଣିଛି। ବେଶ୍ କିଛି ବର୍ଷ ହେବ ଘରୋଇ କ୍ରିକେଟ ଖେଳୁଥିଲେ ମଧ୍ୟ ଏହି ଦୁଇ ଭାଇଙ୍କୁ ଅପ୍ରତ୍ୟାଶିତ ଭାବେ ଶିଖରରେ ପହଞ୍ଚିବାର ସୁଯୋଗ ଆଣିଦେଇଛି। ୨୦୨୪ ବର୍ଷ ଆରମ୍ଭ ହୋଇଥିଲା। ସାନଭାଇ ମୁସୀର୍‌ଙ୍କ କନିଷ୍ଠ ବିଶ୍ୱକପ (୧୯ ବର୍ଷରୁ କମ୍)ର ପଦାର୍ପଣ ପ୍ରଦର୍ଶନରୁ ଭାରତକୁ ଫାଇନାଲ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଏହି ଉଦୀୟମାନ ବ୍ୟାଟର୍ ମୋଟ୍ ୩୬୦ ରନ ସଂଗ୍ରହ କରି ସେ ଭାରତର ଦ୍ୱିତୀୟ ଅଗ୍ରଣୀ ସ୍କୋରର ହୋଇଥିଲେ। ପ୍ରତିଯୋଗିତାର ଗୋଟିଏ ସଂସ୍କରଣରେ ଏକାଧିକ ଶତକ ହାସଲ କରିବାରେ ସେ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ସେଠାରୁ ଫେରିବା ପରେ ୧୯ ବର୍ଷୀୟ ମୁସୀର୍‌ଙ୍କୁ ସିଧାସଳଖ ମୁମ୍ବାଇ ରଣଜୀ ଦଳରେ ସାମିଲ କରି ଦିଆଯାଇଥିଲା। ବହୁ ବଡ଼ ତାରକାଙ୍କୁ ପଛରେ ପକାଇ ମୁସୀର୍ ସୁଯୋଗର ପୂର୍ଣ୍ଣ ସଦୁପଯୋଗ କରିବାରେ ଅବହେଳା କରି ନ ଥିଲେ। ତାଙ୍କ ଦ୍ୱିଶତକ ବଳରେ ମୁମ୍ବାଇ ରଣଜୀ କ୍ୱାର୍ଟର୍ ଫାଇନାଲ୍‌ରେ ବରୋଦାକୁ ପରାସ୍ତ କରିଥିଲା। କେବଳ ଏତିକି ନୁହେଁ, ବିଦର୍ଭ ବିପକ୍ଷ ଫାଇନାଲ୍‌ର ଦ୍ୱିତୀୟ ପାଳିରେ ସେ ଶତକ (୧୩୬) ମାରି ମୁମ୍ବାଇକୁ ୪୨ତମ ରଣଜୀ ଟ୍ରଫି ପ୍ରଦାନ ସହ ଲିଟିଲ ଚମ୍ପ୍ ପାଲଟିଛନ୍ତି।



ଅଜିଙ୍କ୍ୟ ରାହାଣେ ଓ ଶ୍ରେୟସ୍ ଆୟର୍‌ଙ୍କ ସହ ଦୁଇଟି ଶତକୀୟ ଭାଗୀଦାରି ମଧ୍ୟ ତାଙ୍କ ପାଖରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ଷମତାର ସମସ୍ତ ଗୁଣ ଥିବା ପ୍ରମାଣ ଛାଡ଼ିଛି। ଫାଇନାଲ ଶତକ ପରିପ୍ରେକ୍ଷୀରେ ସେ ମଧ୍ୟ ସଚିନ ତେନ୍ଦୁଲ୍‌କର୍‌ଙ୍କ ନାମରେ ଥିବା ୨୯ ବର୍ଷ ତଳ ରେକର୍ଡର ସମକକ୍ଷ ହୋଇଥିଲେ। ୧୯୯୪-୯୫ରେ ସଚିନ ପଞ୍ଜାବ ବିପକ୍ଷ ଫାଇନାଲ୍‌ରେ ଶତକ (୧୪୦) ହାସଲ କରିଥିଲେ। ରଣଜୀ ଟ୍ରଫି ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ହେବାରେ ମୁସୀର୍ ଆଉ ଏକ ଐତିହାସକ ମୁହୂର୍ତ୍ତ ଯୋଡ଼ିଛନ୍ତି। ମାତ୍ର ୧୯ ବର୍ଷ ୧୬ ଦିନରେ ସର୍ବକନିଷ୍ଠ ଖେଳାଳି ଭାବେ ରଣଜୀ ଟ୍ରଫି ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ହୋଇ ଶ୍ରେୟସ୍ ଆୟର (୨୧ ବର୍ଷ ୮୩ ଦିନ, ୨୦୧୬)ଙ୍କୁ ପଛରେ ପକାଇଛନ୍ତି। ଜାହିର ଖାନ (୨୨ ବର୍ଷ ୧୯୮ ଦିନ, ୨୦୦୧) ଓ କେଏଲ ରାହୁଲ (୨୧ ବର୍ଷ ୨୯୧ ଦିନ, ୨୦୧୪) ମଧ୍ୟ ଏହି ତାଲିକାରେ ପଛରେ ପଡ଼ିଯାଇଛନ୍ତି। ମୁସୀର୍‌ଙ୍କ ଈର୍ଷଣୀୟ ସଫଳତା ସହ ତାଳ ଦେଇ ବଡ଼ଭାଇ ସର୍ଫରାଜ୍ ବି ସର୍ବୋଚ୍ଚ ଫର୍ମାଟ୍ ଟେଷ୍ଟ କ୍ରିକେଟ୍‌ରେ ଧମାକାଦାର ପ୍ରବେଶ କରିଛନ୍ତି। ଇଂଲଣ୍ଡ ବିପକ୍ଷ ରାଜକୋଟ ଟେଷ୍ଟ୍ ପଦାର୍ପଣର ଉଭୟ ପାଳିରେ ଅର୍ଦ୍ଧଶତକ (୬୨, ୬୮) ହାସଲ କରି ବିରଳ କ୍ଲବ୍‌ରେ ସାମିଲ ହୋଇଛନ୍ତି ସର୍ଫରାଜ୍। ଦୈନିକ ୫୦୦/୬୦୦ ବଲ୍ ଅଭ୍ୟାସ କରି ପ୍ରଥମ ଶ୍ରେଣୀ କ୍ରିକେଟ୍‌କୁ ଆସିଥିବା ସର୍ଫରାଜ୍ ଅଲ୍‌ରାଉଣ୍ଡର୍ ମୁସୀର୍‌ଙ୍କ ଠାରୁ ୭ ବର୍ଷ ବଡ଼ ସର୍ଫରାଜ୍ ମଧ୍ୟ ଦୁଇଥର (୨୦୧୪, ୨୦୧୬) ୧୯ ବର୍ଷରୁ କମ୍ କନିଷ୍ଠ ବିଶ୍ୱକପ୍ ଖେଳିଛନ୍ତି। ନିଜ କ୍ରୀଡ଼ାଶୈଳୀ ନେଇ ସର୍ଫରାଜ୍ କହନ୍ତି, ମୁଁ କାଳେ ପାକିସ୍ତାନର ଜାଭେଦ ମିଆଁଦାଦ୍‌ଙ୍କ ଭଳି ଖେଳିଥାଏ ବୋଲି ପିତା ତଥା ପ୍ରଶିକ୍ଷକ ନେସାଦ୍ ଖାନ୍ କହିଥାନ୍ତି। ମୁଁ କିନ୍ତୁ ବିରାଟ କୋହଲି, ଏବି ଡିଭିଲିୟର୍ସ, ଭିଭିଆନ ରିଚାର୍ଡସଙ୍କ ଦ୍ୱାରା ଅନୁପ୍ରାଣିତ। ତେଣେ ରବୀନ୍ଦ୍ର ଜାଡ଼େଜା ଓ କେଏଲ ରାହୁଲଙ୍କ ବଦଳରେ ପାଇଥିବା ସୁଯୋଗକୁ ସର୍ଫରାଜ୍ ଏଭଳି ହାତେଇଛନ୍ତି ଯେ ଚୟନକର୍ତ୍ତା ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

ଦୁଇପୁଅ ସର୍ଫରାଜ୍ ଓ ମୁସୀର୍‌ଙ୍କ ଖେଳ ଜୀବନକୁ ନିଜ ହାତରେ ଗଢ଼ିଛନ୍ତି ତାଙ୍କ ପିତା। ନେସାଦ୍ ଇକବାଲ ଅବଦୁଲା ଓ କାମ୍‌ରାନ ଖାନ୍‌ଙ୍କ ଭଳି ଖେଳାଳି ସୃଷ୍ଟି କରିଥିଲେ। ନେସାଦ୍ ଏବେ ଦୁଇ ପୁଅଙ୍କ ମାଧ୍ୟମରେ ନିଜ ଅଧୁରା ସ୍ୱପ୍ନ ପୂରଣ କରିବାରେ ଲାଗିପଡ଼ିଛନ୍ତି। କନିଷ୍ଠ ବିଶ୍ୱକପ୍‌ରେ ମୁସୀର୍ ଶତକ ହାସଲ କରିବା ଦିନ ସର୍ଫରାଜ୍ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଶତକ ହାସଲ କରି ଗୋଟିଏ ଦିନରେ ଦୁଇଭାଇ ଅଲଗା ଅଲଗା ଟୁର୍ଣ୍ଣାମେଣ୍ଟରେ ଶତକ ମାରିବାର ବିରଳ ସଫଳତା ମଧ୍ୟ ପାଇଛନ୍ତି। ମୁସୀର୍‌ଙ୍କୁ ଆଇପିଏଲ ଚୁକ୍ତି ମିଳିନାହିଁ, ସର୍ଫରାଜ କିନ୍ତୁ ତିନି (ଦିଲ୍ଲୀ କ୍ୟାପିଟାଲ୍ସ, ପଞ୍ଜାବ କିଙ୍ଗ୍‌ସ୍, ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର୍) ଦଳରୁ ଖେଳି ସାରିଛନ୍ତି। ୨୦୧୫ରେ ମାତ୍ର ୧୭ ବର୍ଷ ୧୭୭ ଦିନରେ ଆଇପିଏଲ୍‌ରେ ପଦାର୍ପଣ କରି ସର୍ବକନିଷ୍ଠ ରେକର୍ଡ ମଧ୍ୟ ରଖିଛନ୍ତି। ମୁମ୍ବାଇର ହାରିସ ଫିଲ୍ଡ ପ୍ରତିଯୋଗିତାରେ ୪୩୯ ରନ୍‌ର ପାଳି ଖେଳି ସଚିନ ତେନ୍ଦୁଲ୍‌କର୍ ୧୯୮୮ ମସିହାରେ ପ୍ରତିଷ୍ଠା କରିଥିବା ରେକର୍ଡକୁ ପଛରେ ପକାଇବା ପରଠାରୁ ସର୍ଫରାଜ୍‌ଙ୍କ ରାଜ୍ ଆରମ୍ଭ ହୋଇଥିଲା।

# ଜିନ୍ଦଲ ଷ୍ଟେନଲେସରେ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ପାଳନ




**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଯାଜପୁର କାରଖାନାରେ ପରିବେଶ ଚେତନା ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପ୍ରଭାବଶାଳୀ କାର୍ଯ୍ୟକଳାପ ସହିତ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଏକ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଠାରେ ଆମ୍ବ, ଜାମୁ, ବେଲ, ପିଜୁଳି ଏବଂ ଲେମ୍ବୁ ଭଳି ବିଭିନ୍ନ ପ୍ରକାର ଚାରା ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପ କେବଳ ସବୁଜ ଆବରଣକୁ ବଢାଇବା ନୁହେଁ ବରଂ ସ୍ଥାନୀୟ ସମ୍ପ୍ରଦାୟକୁ ସ୍ଥାୟୀ ଉତ୍ସ ମଧ୍ୟ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ପରିବେଶ ପରିଚାଳନା ଦାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଆହୁରି ଦୃଢ କରି କମ୍ପାନୀ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରି ବୃକ୍ଷରୋପଣର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବାରେ କର୍ମଚାରୀମାନଙ୍କୁ ନିୟୋଜିତ କରିଥିଲା। କାରଖାନାର ବରିଷ୍ଠ ନେତୃତ୍ୱ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ସମସ୍ତଙ୍କୁ ବୃକ୍ଷ ରୋପଣ କରି ଉତ୍ତମ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ, ନାଗପୁରର ଇକୋନସ ପରିବେଶ ସମାଧାନର ଉପଦେଷ୍ଟା ତଥା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଜଣେ ସ୍ୱୀକୃତିପ୍ରାପ୍ତ ଗ୍ରୀନବେଲ୍ଟ ବିଶେଷଜ୍ଞ ଡଃ ସମୀର ଦେଶପାଣ୍ଡେଙ୍କ ସହ ଜୈବ ବିବିଧତା ଏବଂ ଏହାର ପ୍ରାସଙ୍ଗିକତା ବୁଝିବା ଶୀର୍ଷକ ଏକ ଓ୍ୱେବିନାର ଆୟୋଜନ କରାଯାଇଥିଲା। ଡକ୍ଟର ଦେଶପାଣ୍ଡେ ଚଳିତ ବର୍ଷର ବିଷୟବସ୍ତୁ ଜଙ୍ଗଲ ଏବଂ ଉଦ୍ଭାବନ ଉପରେ ଏକ ଅନ୍ତର୍ନିହିତ ଆଲୋଚନା କରି ଉଦ୍ଭାବନ ଏବଂ ନିରନ୍ତର ବିକାଶରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଏହାର ପରିବେଶ ପରିଚାଳନା ଦାୟିତ୍ୱରେ ପ୍ରତିବଦ୍ଧ ଏବଂ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଯାତ୍ରା ଜାରି ରଖିବାକୁ ଲକ୍ଷ୍ୟ ରଖିଛି।

# ଦାମବାବୁଙ୍କ ବିୟୋଗରେ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍‌ର ଶୋକ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ବିଚକ୍ଷଣ ତଥା ବର୍ଷିୟାନ ରାଜନେତା ଡଃ ଦାମୋଦର ରାଉତଙ୍କ ପରଲୋକରେ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ମୁଖ୍ୟ ଶାଖା ପରିସରରେ ଏକ ଶୋକ ସଭା ସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ସମସ୍ତ ଶାଖାଗୁଡିକରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ସମିତିର କର୍ମଚାରୀ, ଏଜେଣ୍ଟମାନେ ଗଭୀର ଶୋକ ପ୍ରକାଶ କରି ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ଡ. ରାଉତ ବିଜୁ ବାବୁଙ୍କ ଅମଳରୁ ଆରମ୍ଭ କରି ନବୀନ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ପଞ୍ଚାୟତ ରାଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ମତ୍ସ୍ୟ, ପଶୁପାଳନ ଏବଂ ସମବାୟ ବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଦକ୍ଷତାର ସହ ତୁଲାଇଥିଲେ। ତାଙ୍କର ଏହି ଶୋକ ସଭାରେ ଅନୁଷ୍ଠାନର ସଂପାଦକ ପ୍ରହଲ୍ଲାଦ ସାହୁ, ଚୌଦ୍ୱାର ଶାଖାର ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ, ରାଜକନିକା ଶାଖାର ମୁଖ୍ୟ ପରିଚାଳକ ମନୋଜ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ ଭାରତ-ଆଫଗାନିସ୍ତାନ ମ୍ୟାଚ ଡ୍ର

**ଆଭା(ସାଉଦି ଆରବ)**

ଫିଫା ବିଶ୍ୱକପ୍ କ୍ୱାଲିଫାୟର୍ସ-୨୦୨୬ର ଗ୍ରୁପ୍ ଏରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଛି। ଏହି ଫଳାଫଳ ଉଭୟ ଦଳର କୋଚ୍ ଇଗୋର ଷ୍ଟିମାକ୍ ଓ ଆସ୍‌ଲେ ଓ୍ୱେଷ୍ଟଉଡ୍‌ଙ୍କୁ କିଛି ଅଂଶରେ ହତାଶ କରିଛି। ମ୍ୟାଚ୍‌ରେ ଉଭୟ ଦଳ ଗୋଲ୍ ସ୍କୋର କରିବାର କେତୋଟି ସୁଯୋଗ ପାଇଥିଲେ ହେଁ ହାତଛଡ଼ା କରିଥିଲେ।

# ୧୦୮ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ : ରୋଗୀ ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ନିମନ୍ତେ ସରକାର ୧୦୮ଯୋଗାଇ ଦେଇଛନ୍ତି। ଏପରିସ୍ଥଳରେ ୧୦୮ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁ ଗୁରୁବାର ନିଶ୍ଚିନ୍ତକୋଇଲି ଠାରେ ଜଣେ ରୋଗୀ ଓ ତାଙ୍କ ପରିବାର ଲୋକେ ଚରମ ହଟହଟାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନ ୨ଟା ବେଳେ କେନ୍ଦ୍ରାପଡ଼ାରୁ ୧୦୮ ଆମ୍ବୁଲାନ୍ସ ଗାଡ଼ିରେ ଜଣେ ରୋଗୀ ଓ ତାଙ୍କ ପରିବାର ଲୋକଙ୍କୁ ଧରି କଟକ ବଡ଼ ଡାକ୍ତରଖାନା ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ଭାରୀଯାନ ଗାଡ଼ି କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଲୁହାସାମଗ୍ରୀ ଲୋଡ୍ କରି ଯାଉଥିଲା। ଏହି ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା କାରଣରୁ ୧୦୮ ସହ ଭାରି ଯାନଟି ସାମାନ୍ୟ ଘଷି ହୋଇ




ଯାଇଥିଲା। ଏଥିରେ ଉତ୍ତେଜିତ ହୋଇ ୧୦୮ର କର୍ମଚାରୀମାନେ ରୋଗୀ ସହ ଗାଡ଼ିକୁ ରାସ୍ତା ଉପରେ ରଖିଦେଇ ଭାରିଯାନର ପିଛା କରିଥିଲେ। ୧୦୮ର କର୍ମଚାରୀମାନେ ଭାରିଯାନ ଡ୍ରାଇଭରଙ୍କ ସହ ବହୁ ସମୟ ଧରି ଯୁକ୍ତିତର୍କ କରିବା ସହ ତାଙ୍କୁ ଭୟଭୀତ କରାଇଥିଲେ। ଏପରିକି ଭାରିଯାନ ଡ୍ରାଇଭର ଜଣକ ବାହାର ରାଜ୍ୟର ହୋଇଥିବାରୁ ତାଙ୍କୁ ଭୟଭୀତ କରାଯାଇ ଅର୍ଥ ଆଦାୟ କରିଥିବାର ଦେଖିବାକୁ ମିଳିଥିଲା। ଏପଟେ ରୋଗୀ ୧୦୮ରେ ପଡ଼ିରହି ଦୀର୍ଘ ସମୟ ପର୍ଯ୍ୟନ୍ତ ଛଟପଟ ହେଉଥିବାର ଦେଖିବାକୁ ମିଳିଥିଲା। ଏକପକ୍ଷରେ ରୋଗୀ ଛଟପଟ ହେଉଥିଲା ବେଳେ ୧୦୮ କର୍ମଚାରୀମାନେ ସାମାନ୍ୟ ଘଟଣାକୁ ନେଇ ଭାରିଯାନ ସହ ଝଗଡ଼ା କରିବା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## 'ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ତୃତୀୟ ଶକ୍ତି ଉତ୍ସବ ଆୟୋଜନ'

# ନାରୀଶକ୍ତିର ଚାତୁର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମହାନ୍

**ନୂଆଦିଲ୍ଲୀ**

ନାରୀଶକ୍ତିର ଚାତୁର୍ଯ୍ୟ, ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ମହାନ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଓ୍ୱାର୍ଲଡ ଓଡ଼ିଶା ସୋସାଇଟି ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉପଲକ୍ଷେ ଆୟୋଜିତ ତୃତୀୟ ଶକ୍ତି ଉତ୍ସବ-୨୦୨୪ରେ ଭାଗନେଇ ଅତିଥି ବକ୍ତାମାନେ ନାରୀ ଜାତିର ମହନୀୟତା ଉପରେ ଆଲୋକପାତ କରିଥିଲେ। ହାଇବ୍ରିଡ୍ ମଞ୍ଚରେ ଅନୁଷ୍ଠିତ ଏହି ସମାରୋହରେ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଏବଂ ବିଶ୍ୱର ବହୁ ରାଷ୍ଟ୍ରରୁ ଓ୍ୱା.ଓ.ସୋ.ର ସଦସ୍ୟ , ପ୍ରବାସୀ ଓଡ଼ିଆ ତୁଙ୍ଗ ନେତୃବର୍ଗ ଏବଂ ଓଡ଼ିଆ ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମୁଖ୍ୟ ଉତ୍ସବ ଜାତୀୟ ରାଜଧାନୀ କ୍ଷେତ୍ରର ଗାଜିଆବାଦ ଠାରେ ପାଳନ କରାଯାଇଥିବା ବେଳେ ଶତାଧିକ ବିଶ ଓଡ଼ିଆ ଏଥିରେ ଆଭାସୀ ଢଙ୍ଗରେ ସଂଯୁକ୍ତ ହୋଇଥିଲେ। ସଭାରେ ବରେଣ୍ୟ ଅତିଥି ଭାବେ ସାମିଲ ହୋଇ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ, ବିଶ୍ୱ ଭରି ଓଡ଼ିଆମାନଙ୍କୁ ଯୋଡ଼ିବାରେ ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ଚଳିତ ଶତାବ୍ଦୀ ମହିଳାମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ଦର୍ଶାଇ ନାରୀ




ଜାତିର ଉତ୍ଥାନ ପାଇଁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇ ଦେବାକୁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରି ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ମହିଳାମାନଙ୍କଠାରେ ମାଟିର ମୂର୍ତ୍ତିକାର ସାଜିବା ଠାରୁ ଆରମ୍ଭ କରି ଝଡ଼ର ଇଗଲ ବନିବା ପର୍ଯ୍ୟନ୍ତ ସମସ୍ତ କ୍ଷମତା ମହଜୁଦ ଥିବାରୁ ସେମାନେ ସର ଶକ୍ତିସମ୍ପର୍ଣ୍ଣା ବୋଲି ଉଲ୍ଲେଖ କରିଥିଲେ। ଓ୍ୱା.ଓ.ସୋ.ର ପ୍ରତିଷ୍ଠାତ୍ରୀ ଡଃ ଅରୁନ୍ଧତୀ ଦେବୀ ସାମ୍ପ୍ରତିକ ସମାଜରେ ମହିଳାମାନଙ୍କୁ ଏକ ଭୋଗ୍ୟ ସାମଗ୍ରୀ ରୂପେ ବ୍ୟବହାର କରାଯାଉଥିବା ନେଇ ଘୋର କ୍ଷୋଭ ପ୍ରକାଶ କରି ସେମାନଙ୍କୁ ଯଥାମାନ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଓ୍ୱା.ଓ.ସୋ.ର ମହିଳା ସଶକ୍ତିକରଣ କମିଟିର ଆବାହକ ଏବଂ କଳାହାଣ୍ଡିର ଉପ-ଜିଲ୍ଲାପାଳ ଶୁଭସ୍ମିତା ମିଶ୍ର ନାରୀମାନଙ୍କର ସାମ୍ବିଧାନିକ ଓ ଆଇନଗତ ଅଧିକାରକୁ ସୁରକ୍ଷିତ ରଖାଯିବା ନେଇ ବ୍ୟାପକ ଓ ବୈପ୍ଲବିକ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଓ୍ୱା.ଓ.ସୋ.ର ମହିଳା ଶାଖାର ସଭାପତି ଡଃ ସୁନନ୍ଦା ମିଶ୍ର ପଣ୍ଡା, ନାରୀର ଶ୍ରେଷ୍ଠତ୍ୱ ଯୁଗ ଯୁଗ ଧରି ପ୍ରମାଣିତ ହୋଇ ଆସିଥିବା ସୂଚାଇଥିଲେ। ଏହି ଅବସରରେ ଓ୍ୱା.ଓ.ସୋ.ର ସାଧାରଣ ସମ୍ପାଦକ ଏବଂ ସୁନାମଧନ୍ୟ ସମାଜସେବୀ ଡ଼ଃ ଚିଦାତ୍ମିକା ଖଟୁଆଙ୍କୁ ପୃଥିବୀ ବ୍ୟାପୀ ମହିଳା ସମ୍ପ୍ରଦାୟଙ୍କର ମଙ୍ଗଳ ସକାଶେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଓ୍ୱା.ଓ.ସୋ.ର ପ୍ରଥମ ମହା ନାରୀ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରି ଡ଼ଃ ଖଟୁଆ ଓ୍ୱା.ଓ.ସୋ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ତାଙ୍କର ନାରୀ ଜାଗରଣ ଅଭିଯାନକୁ ସେ ଅଧିକ ଶାଣିତ କରିବେ ବୋଲି ଘୋଷଣା କରିଥିଲେ। ସଭାରେ ପ୍ରତିଭାବାନ ଫେସନ ଡିଜାଇନର ପ୍ରିୟଙ୍କା ଜେନା, ପ୍ରସିଦ୍ଧ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ସୁଧୀର ଦାଶ ଓ ବରିଷ୍ଠ ପ୍ରଶାସକ ଡ଼ଃ ଦେବେନ୍ଦ୍ର ମାଝୀଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ ଅବଦାନ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ଆଶୁ କବି ଡ଼ଃ କୁଳମଣି ବିଶ୍ୱାଳ ଓ ପ୍ରତିଷ୍ଠିତ କବୟତ୍ରୀ ଲକ୍ଷ୍ମୀପ୍ରିୟା ଦାସ ସେମାନଙ୍କର କବିତା ଗୁଡିକୁ ଖୁବ ସୁନ୍ଦର ଓ ସାବଲୀଳ ଢଙ୍ଗରେ ଆବୃତ୍ତି କରିଥିଲେ। ସୁବିଖ୍ୟାତ କଥାକାର ଡ଼ଃ ମଧୁସ୍ମିତା ମିଶ୍ର ତାଙ୍କର ଅନିନ୍ଦିତାଶୀର୍ଷକ କ୍ଷୁଦ୍ର ଗଳ୍ପକୁ ବେଶ୍ ପ୍ରାଞ୍ଜଳ ଓ ପ୍ରଭାବଶାଳୀ ଢଙ୍ଗରେ ଶୁଣାଇ ଉପସ୍ଥିତ ଶ୍ରୋତାମାନଙ୍କୁ ଚମତ୍କୃତ କରିଦେଇଥିଲେ। ସୁଧୀର ଦାଶ ଏବଂ ତାଙ୍କର ସାଥୀ କଳାକାର ଶୋଭା ନାରଙ୍ଗ, ସୁଧା କାଲରା ଓ ମୋନିକା ଚୌଧୁରୀଙ୍କର ସୁମଧୁର ସଂଗୀତ ପରିବେଷଣ ବେଶ୍ ମନୋରଞ୍ଜକ ଥିଲା। ଆମେରିକାରୁ ସୁଦକ୍ଷ ଉପସ୍ଥାପିକା ବନୋଜିନୀ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସଞ୍ଚାଳନ କରିଥିଲେ। ନନ୍ଦନ ଦ୍ୱିବେଦୀ ଡିଜିଟାଲ କକ୍ଷକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନା ପଟ୍ଟନାୟକ, ଡ଼ଃ ଦେବେନ୍ଦ୍ର ମାଝୀ, ଅଜୟ କୁମାର ଦାସ ଓ ରୀତା ପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଓ୍ୱା.ଓ.ସୋ.ର ନୂଆଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ମୁଖ୍ୟ ସଂଯୋଜକ ଉମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଡ଼ଃ ନଳିନୀ ପତି, ରଞ୍ଜନ ବିଶ୍ୱାଳ, ଅକ୍ଷୟ ମହାନ୍ତି, ଡ଼ଃ ଯଶୋଧାରା ମିଶ୍ର, ପୁଷ୍ପାଞ୍ଜଳି ବାରିକ, ପ୍ରଭାତୀ ପାଣିଗ୍ରାହୀ, ଲିଲି ଜେନାମଣି, ପ୍ରବୋଧ ସାମନ୍ତରା, ଡ଼ଃ ସରୋଜିନୀ ପାଣି, ଡ଼ଃ ସାଗର ରଞ୍ଜନ ତ୍ରିପାଠୀ, ସୁବାସ ସାହୁ, ସଞ୍ଜୟ ରାୟ, ରଜନୀକାନ୍ତ ମିଶ୍ର, ଜ୍ଞାନ ପ୍ରକାଶ ଜେନା, ଦିଲ୍ଲୀପ ମହାନ୍ତି, ପ୍ରଫେସର ଶ୍ରୀନିବାସ ପାଠୀ, ମନୋରଞ୍ଜନ ମହାନ୍ତି, ସୁରେନ୍ଦ୍ର ସିଂ ଡୋଗ୍ରା, ନିବେଦିତା ଗିରି, ସନାତନ ମହାକୁଡ଼, ବରଦା ପ୍ରସନ୍ନ ଦାସ, ଡ଼ଃ ଜ୍ୟୋତିର୍ମୟୀ ତ୍ରିପାଠୀ, ଶ୍ରୀବାଣୀ ମହାନ୍ତି, ଆଲୋକ ପଣ୍ଡା, ବିରଜା ମହାପାତ୍ର, ଆଚାର୍ଯ୍ୟ ଅଭିମନ୍ୟୁ ଓ ଲଳିତ କୁମାର ପ୍ରଧାନ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ମାର୍ଚ୍ଚ ୨୦୨୪ ଶନିବାର





# ୩ କୁଖ୍ୟାତ ଆନ୍ତଃଜିଲ୍ଲା ଡକାୟତ ଗିରଫ : ବନ୍ଧୁକ ଓ ବାଇକ୍ ଜବତ୍

**କୁଚିଣ୍ଡା,ନ୍ୟୁଜ୍‌ବ୍ୟୁରୋ**



କୁଚିଣ୍ଡା ସହରରେ ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟିବା ଉଦ୍ୟମ କରିଥିବା ଏକ ଦୁଇ ଜଣିଆ ଆନ୍ତଃଜିଲ୍ଲା ଲୁଟେରା ଗ୍ୟାଙ୍ଗ ସହ ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ସେମାନଙ୍କୁ ସୁରକ୍ଷା ଦେବା ଘଟଣାରେ ଜଣକୁ ଗିରଫ କରି ଗୁରୁବାର କୁଚିଣ୍ଡା ଏସଡିଜେଏମ୍ କୋର୍ଟକୁ ଚାଲାଣ କରିଛି ପୁଲିସ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନୁଆପଡା ଗ୍ରାମର ଉମେଶଚନ୍ଦ୍ର ସାହୁ ଓରଫ ମୁତୁରା (୩୬), ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ମୁଷାଟିକିରି ଗ୍ରାମର ଅଶିତ କୁମାର କର ଓରଫ ଲିପୁଆ (୩୭) ଏବଂ ଷଡ଼ଯନ୍ତ୍ରକାରୀ ମହୁଲପାଲି ଥାନା ବୁରୋଡିହି ଗ୍ରାମର ସଞ୍ଜିତ କୁମାର ପଟେଲ (୪୮)। ଏନେଇ ପୋଲିସ କୁଚିଣ୍ଡା ଥାନାରେ ଧାରା ୩୯୨/୧୨୦(ବି) ଆଇପିସି ୨୫ ଆର୍ମ୍ସ ଆକ୍ଟରେ (ନଂ-୧୩୨/୨୪) ମାମଲା ରୁଜୁ କରିଛି। ଗିରଫ ଲୁଟେରାଙ୍କ ଠାରୁ ପୋଲିସ ଏକ ଦେଶୀ ପିସ୍ତଲ ଓ ୩ଟି ଜୀବନ୍ତ ଗୁଳି, ପଲସର ବାଇକ୍ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା ଏବଂ କୁଚିଣ୍ଡା ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ ଏକ ଖବରଦାତା ସମ୍ମିଳନୀରେ କୁଖ୍ୟାତ ଆନ୍ତଃ ଜିଲ୍ଲା ଲୁଟେରା ଗ୍ୟାଙ୍ଗର ଖୁଲାସା କରିଛନ୍ତି। ମିଳିଥିବା ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟା ସାଢେ ୬ଟା ସମୟରେ କୁଚିଣ୍ଡା ସହରର ଟାଉନହଲ୍ ଠାରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଜାମତଲିଆ ଗ୍ରାମର ରାଜେନ୍ଦ୍ର କୁମାର ନାୟକ ସ୍ତ୍ରୀଙ୍କ ସହ ଆସିଥିଲେ। ଟାଉନହଲ୍ ସମ୍ମୁଖ ମୁକୁନ୍ଦି ଷ୍ଟାଡିୟମ କଡ଼ରେ ରାଜେନ୍ଦ୍ର ଗାଡି ପାର୍କିଂ କରୁଥିବା ସମୟରେ ତାଙ୍କ ସ୍ତ୍ରୀ ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଏକ ପଲସର ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି ରାଜେନ୍ଦ୍ରଙ୍କ ସ୍ତ୍ରୀ ବେକରୁ ପିନ୍ଧିଥିବା ସୁନାହାରକୁ ଝାମ୍ପି ଥିଲେ। ମାତ୍ର ମହିଳା ଜଣକ ଦୁର୍ବୃତ୍ତଙ୍କ ହାତକୁ ଧରି ଦେବାରୁ ହାରଟି ଛିଣ୍ଡିଯାଇଥିଲା। ଦୁର୍ବୃତ୍ତମାନେ ସୁନାହାରର ଏକ ଛିଣ୍ଡା ଅଂଶ ଧରି ସେଠାରୁ ଫେରାର ମାରିଥିଲେ। ଏ ସଂକ୍ରାନ୍ତରେ ରାଜେନ୍ଦ୍ର ତୁରନ୍ତ କୁଚିଣ୍ଡା ଥାନାରେ ଲିଖିତ ରିପୋର୍ଟ କରିଥିଲେ। କୁଚିଣ୍ଡା ପୋଲିସ ଏନେଇ ଥାନାରେ ଏକ ମାମଲା ରୁଜୁ କରି ଏସ୍ଆଇ ଲଭଲି ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲା। ପୋଲିସ ଘଟଣାକୁ ଗୁରୁତର ସହ ନେଇ ବିଭିନ୍ନ ସ୍ଥାନରେ ଚଢଉ କରିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବୁରୋଡିହି ଗ୍ରାମର ସଞ୍ଜିତ ପଟେଲଙ୍କ ଘରେ ଚଢଉ କରିଥିଲେ। ପୋଲିସ ସେଠାରୁ ମୁତୁରା ସହ ସଞ୍ଜିତଙ୍କୁ ଗିରଫ କରି ଏକ ଦେଶୀ ପିସ୍ତଲ ଓ ଜୀବନ୍ତ ଗୁଳି ଜବତ କରିଥିଲା। ଉଭୟଙ୍କୁ ଜେରା କରିବାରେ ଲୁଟ୍ ଘଟଣାରେ ସାମିଲଥିବା ଲିପୁଆ ସମ୍ପର୍କରେ ପୋଲିସ ସୂଚନା ପାଇଥିଲା। ପରେ ପୋଲିସ ଟିମ୍ ଅନୁଗୁଳ ଜିଲ୍ଲାର ନିଶା ଥାନା ଅଞ୍ଚଳରୁ ଲିପୁଆକୁ ଗିରଫ କରିଥିଲା। ମୁତୁରା ନାମରେ କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାରେ ୨୫ଟି ଅପରାଧିକ ମାମଲା ଥିବାବେଳେ, ଲିପୁଆ ନାମରେ କଟକ ଜିଲ୍ଲାର ବିଭିନ୍ନ ଥାନାରେ ୨୨ଟି ଅପରାଧିକ ମାମଲା ରହିଛି। ସେହିପରି ବୁରୋଡିହିର ସଞ୍ଜିତ ନାମରେ ପୂର୍ବରୁ କୁଚିଣ୍ଡା ଥାନାରେ ଏକ ମାମଲା ରହିଛି ଓ ସେ କିଛି ଦିନ ଧରି ଜେଲ୍ ହାଜତରେ ମଧ୍ୟ ଥିଲା। ଜାମିନରେ ସେ ଜେଲ୍‌ରୁ ମୁକୁଳି ଉପରୋକ୍ତ କୁଖ୍ୟାତ ଅପରାଧିଙ୍କ ସହ ସମ୍ପର୍କ ସ୍ଥାପନ କରି କିଛିଦିନ ଧରି ତାଙ୍କ ଘରେ ଆଶ୍ରୟ ଦେଇ କୁଚିଣ୍ଡା ଅଞ୍ଚଳରେ ଡକାୟତି ଯୋଜନା କରିଥିଲେ। ଗତ ୧୧/୧୨ତାରିଖ ରାତିରେ ଏମାନେ ମହୁଲପାଲି ଥାନା କୁନ୍ତରା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ତାଲା ଭାଙ୍ଗି ଡକାୟତି କରିଥିଲେ ହେଁ ସେଥିରେ ସେମାନେ ଅସଫଳ ହୋଇଥିଲେ। ଏହି ଗ୍ୟାଙ୍ଗ ମଙ୍ଗଳବାର ରାତିରେ କୁଚିଣ୍ଡା ବସ୍‌ଷ୍ଟାଣ୍ଡର ଏକ ସୁନା ଦୋକାନରେ ଡକାୟତି କରିବା ଯୋଜନା କରିଥିବା ବେଳେ ଉକ୍ତଦିନ ସେମାନେ କୁଚିଣ୍ଡାର ଏକ ଢାବାରେ ପ୍ରଚୁର ମଦ୍ୟପାନ କରିଥିଲେ। ଦୈବାତ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିବା ମହିଳାଙ୍କ ଉପରେ ସେମାନଙ୍କ ନଜର ପଡ଼ିବାରୁ ସୁନାହାର ଲୁଟ୍ ପାଇଁ ଉଦ୍ୟମ କରିଥିଲେ। ମାତ୍ର ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବଡ଼ଧରଣର ଡକାୟତି ଯୋଜନା ତାଙ୍କର ପଣ୍ଡ ହୋଇଥିବା ପୋଲିସ ଆଗରେ ସେମାନେ ସ୍ୱୀକାର କରିଥିବା ଖବରଦାତା ସମ୍ମିଳନୀରେ ଏସଡିପିଓ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ମୁତୁରା ଓ ଲିପୁଆ ଉଭୟଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ସୁରକ୍ଷା ଅଭାବରୁ କେନ୍ଦୁଝର ଜିଲ୍ଲାର ଜୀବନ ରେଖା ବୈତରଣୀ ନଦୀ ବିପଦରେ

**କେନ୍ଦୁଝର, ନ୍ୟୁଜ୍**



ଓଡ଼ିଶାର ଏକ ସୁନ୍ଦ ଓ ପବିତ୍ର ନଦୀ ରୂପେ ଓ କେନ୍ଦୁଝର ଜିଲ୍ଲାର ଜୀବନ ରେଖାରୂପେ ପରିଚିତ ବୈତରଣୀ ନଦୀ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ବୈତରଣୀ ନଦୀ ବିପଦଗାମୀ ହେବାରେ ଲାଗିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଦିନ ଥିଲା ବୈତରଣୀ ନଦୀରେ ବର୍ଷ ସାରା ଜଳ ଭରି ରହୁଥିଲା ଏବଂ ସେହି ଜଳକୁ ବ୍ୟବହାର କରି ନଦୀକୂଳ ବର୍ତ୍ତୀ ଚାଷୀମାନେ କୃଷି କାର୍ଯ୍ୟ କରି ନିଜର ପରିବାର ପୋଷୁଥିଲେ। ହେଲେ କାଳକ୍ରମେ ଶିଳ୍ପ ର ବିକାଶ ନାମରେ ଛୋଟ ବଡ଼ ଶିଳ୍ପ ନୁଷ୍ଠାନ ଓ ଖଣି କମ୍ପାନୀମାନଙ୍କର ନଦୀର ଜଳକୁ ବିଭିନ୍ନ ପ୍ରକାରରେ ଶୋଷଣତା ଯୋଗୁଁ ବୈତରଣୀ ନଦୀର ଜଳ ଆଉ ଆଗଭଳି ନଦୀରେ ଭରି ରହୁନାହିଁ। କେବଳ ବର୍ଷା ଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ବୈତରଣୀ ନଦୀର ଜଳ ପ୍ରାୟ ଶୁଖିଲା ରହୁଛି, ଆଉ ଚାଷୀମାନେ ଜଳ ଅଭାବରୁ ଆଗଭଳି ଆଉ ଚାଷ କରିପାରୁ ନାହାନ୍ତି। ଅନ୍ୟପଟେ ଖଣି ଶିଳ୍ପଗୁଡିକ କଳ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁଗୁଡିକୁ ମଧ୍ୟ ନଦୀକୁ ଛାଡ଼ିବା ଦ୍ୱାରା ବୈତରଣୀ ନଦୀର ଜଳ ଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ଅବସ୍ଥାକୁ ଆସିଗଲାଣି ବୋଲି ଅଭିଯୋଗ ହୋଇଛି। ଏହି ବୈତରଣୀ ନଦୀର ଜଳ ଉପରେ ହଜାର ହଜାର ଚାଷୀ, ସାଧାରଣ ଲୋକ, ପଶୁ ପକ୍ଷୀ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବା ବେଳେ ଏବେ ଖଣି ଶିଳ୍ପାନୁଷ୍ଠାନ ମାନଙ୍କ ଶୋଷଣତା ମନୋଭାବ ବୈତରଣୀ ନଦୀକୁ ବିପଦମୁଖୀ କରିଛି। ବୈତରଣୀ ନଦୀର ଦୈର୍ଘ୍ୟ ୩୬୫ କିଲୋମିଟର ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଏହାର ଦୈର୍ଘ୍ୟ ୨୨୦ କିଲୋମିଟର, କେନ୍ଦୁଝର ଜିଲ୍ଲା ଦେଇ ପ୍ରବାହିତ ହୋଇ ପଶ୍ଚିମସିଂହଭୂମି (ଝାଡ଼ଖଣ୍ଡ), ମୟୂରଭଞ୍ଜ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଦେଇ ବଙ୍ଗୋପସାଗରରେ ଲୀନ ହୋଇଛି। ଏହି ବୈତରଣୀ ନଦୀ ଓ ଏହାର ଉପନଦୀମାନଙ୍କର ଜଳ ଉପରେ କୃଷି କାର୍ଯ୍ୟ କରି ହଜାର ହଜାର ଲୋକ ନିଜର ପରିବାର ଚଳାଉଥିଲେ। ଏହାଛଡ଼ା ଏହି ବୈତରଣୀ ଅବବାହିକା ଅଞ୍ଚଳଗୁଡିକ କୃଷି ପାଇଁ ବେଶ୍ ଅନୁକୂଳ ପରିବେଶ ଯୋଗୁଁ ପୂର୍ବରୁ ବର୍ଷସାରା ପନିପରିବା, ଧାନ, ମୁଗ, ଗହମ, ବାଦାମ, ମାଣ୍ଡିଆ ପ୍ରଭୃତି ଚାଷ କରାଯାଉଥିବାବେଳେ ଜଳସେଚନ ନିମନ୍ତେ ବୈତରଣୀ ସମେତ ନିକଟବର୍ତ୍ତୀ ଉପନଦୀ ମାନଙ୍କରେ ଅନେକ କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁଛି। ଅର୍ଥାତ ଜିଲ୍ଲାର ମୋଟ୍ କ୍ଷେତ୍ରଫଳର ଶତକଡ଼ା ୮୩ ପ୍ରତିଶତ ଜମି ଓ ଏଠି ବସବାସ କରୁଥିବା ଜନସାଧାରଣ ଏହି ବୈତରଣୀ ନଦୀ ଉପରେ ନିର୍ଭରଶୀଳ। ଏହି ବୈତରଣୀ ନଦୀର ଜଳ ଧାରଣ କ୍ଷମତା ବାର୍ଷିକ ୭୨୯୬ ନିୟୁତ ଘନମିଟର ଜଳ ହେଉ ଥିବାବେଳେ କୃଷିପାଇଁ ୧୨୦୬ ନିୟୁତ ଘନମିଟର ଜଳ, ପାନୀୟ ଜଳ ପାଇଁ ୧୯ ନିୟୁତ ଘନମିଟର ଓ ଶିଳ୍ପ ପାଇଁ ୫୩୯ ନିୟୁତ ଘନମିଟର ଜଳ ବ୍ୟବହାର ହେଉଛି। ହେଲେ ଦିନକୁ ଦିନ ଖଣି, କମ୍ପାନୀମାନଙ୍କ ଦ୍ୱାରା ଜଳର ବ୍ୟବହାର ବୃଦ୍ଧି ସହିତ କଳ କାରଖାନା ସ୍ଥାପନ ଯୋଗୁଁ ଝରଣା ଓ ଜଳ ଉତ୍ସ ଗୁଡିକ ମଧ୍ୟ ଲୁପ୍ତ ହେବାରେ ଲାଗିଛି। ତା'ପରେ ବର୍ତ୍ତମାନ ସ୍ଲରୀ ପାଇପ୍‌ର ବ୍ୟବହାର ବୈତରଣୀ ନଦୀର ଜଳ ଆହୁରି ହ୍ରାସ ପାଇବ, ଯାହାକି ନିକଟବର୍ତ୍ତୀ ଅଧିବାସୀଙ୍କ କୃଷି କାର୍ଯ୍ୟ ପାଇଁ ସମସ୍ୟା ଦେଖାଦେଇଛି। ବିଶେଷ କରି ସ୍ଥାନୀୟ ଅଧିବାସୀଙ୍କ ଜୀବନ ଜୀବିକା ରୂପେ ପରିଚିତ ବୈତରଣୀ ନଦୀର ଜଳକୁ ଖଣି, କମ୍ପାନୀଗୁଡିକ ଦ୍ୱାରା ବହୁଳ ବ୍ୟବହାର ସାଙ୍ଗକୁ କାରଖାନାରୁ ନିର୍ଗତ ବର୍ଜ୍ୟଜଳକୁ ନଦୀ ନାଳକୁ ଛାଡ଼ିଦେବା ଦ୍ୱାରା ନିକଟ ଅଧିବାସୀଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି।

# ସର୍ବନିମ୍ନ ପେନସନ ଯୋଗାଇ ଦେବାକୁ ଭିଏଲଡବ୍ଲୁଙ୍କ ଦାବି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ବର୍ଷ ଧରି ପଞ୍ଚାୟତ ସେକ୍ରେଟେରୀ ଭାବେ ଚାକିରି କରି ଭି.ଏଲ.ଡବ୍ଲୁ ଭାବେ ପଦୋନ୍ନତି ପାଇ ଅବସର ନେଇଛନ୍ତି। ଏମାନଙ୍କୁ ସର୍ବନିମ୍ନ ପେନଶନ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ମାଧ୍ୟମରେ ପଞ୍ଚାୟତ ରାଜ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ୨୦୦୯ ମସିହାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ ପଦବୀକୁ ପ୍ରମୋସନ ପାଇ ଅବସର ନେଇଥିଲେ। ପଞ୍ଚାୟତିରାଜ ବିଭାଗ ଏମାନଙ୍କୁ ପେନସନ ଦେବାକୁ ମନା କରିବାରୁ ଏହାପରେ ସ୍ୟାଟ ଓ ହାଇକୋର୍ଟ ଓ ସୁପ୍ରିମକୋର୍ଟର ଜଜମେଣ୍ଟ ପରେ ରାଜ୍ୟ ସରକାର ସର୍ବନିମ୍ନ ପେନସନ ଦେବା ପାଇଁ ଉପରୋକ୍ତ ଚିଠିରେ ଆଦେଶ ଓ ରିମାଇଣ୍ଡର ଦେବାପରେ ମଧ୍ୟ ବ୍ଲକ ପ୍ରଶାସନ ବିଭିନ୍ନ କାମର ଆଳ ଦେଖାଇ ପେନସନ ପେପର କାର୍ଯ୍ୟ କରୁନାହାନ୍ତି। ତୁରନ୍ତ ଏମାନଙ୍କୁ ପେନସନ ଯୋଗାଇ ଦେବାପାଇଁ ଜିଲ୍ଲା ରିଟାର୍ଡ ଭି.ଏଲ.ଡବ୍ଲୁ ସଂଘ ତରଫରୁ ମଦନ ମୋହନ ବେହେରା, ସୁକାନ୍ତ କୁମାର ମଲିକ, ସୌଦାଗର ବିଶ୍ୱାଳ, ବାସୁଦେବ ନାୟକ, ବୈଷ୍ଣବ ଚରଣ ରାଉତ, ଜଗବନ୍ଧୁ ରାଉତ ପ୍ରମୁଖ ଦାବି କରିଛନ୍ତି।

# ଜେଏସପି ପକ୍ଷରୁ ଓ.ପି. ଜିନ୍ଦଲ ଗ୍ରୁପ୍ ଚେୟାରମ୍ୟାନ ଏମିରିଟସ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ ପାଳିତ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**



ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ଓ.ପି. ଜିନ୍ଦଲ ଗ୍ରୁପର ଚେୟାରମ୍ୟାନ ଏମିରିଟସ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମ ଦିବସ କମ୍ପାନୀର ସମସ୍ତ ଅଂଶୀଦାର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ଗହଣରେ ହର୍ଷ ଓ ଉଲ୍ଲାସର ସହ ପାଳିତ ହୋଇଯାଇଛି।

ଏହି ଦିନଟିକୁ ଅଧିକ ସ୍ମରଣୀୟ କରିବାପାଇଁ ଜେଏସପିର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟରତ ଜେଏସପି ଫାଉଣ୍ଡେସନ ପକ୍ଷରୁ ଅନୁଗୁଳ ଜିଲ୍ଲାର କୁଷ୍ଠାଶ୍ରମ, ଆଦିବାସୀ ଜନଜାତିଙ୍କ ଜରାନିବାସରେ ଗ୍ରୀଷ୍ମ କାଳୀନ ପୋଷାକ ଏବଂ ପୁଷ୍ଟିକର ଶୁଖିଲା ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇ ଥିଲା। ଏହି ସମାରୋହରେ ଅନେକ ସ୍ଥାନୀୟ ବାସିନ୍ଦା ମଧ୍ୟ ସାମିଲ ହୋଇଥିଲେ।

କମ୍ପାନୀର ଅନୁଗୁଳ ଶାଖାର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ ମଲହାନ ଏବଂ ଦାମୋଦର ମିତ୍ତଲ ସାବିତ୍ରୀ ଜିନ୍ଦଲଙ୍କ ଉଦ୍ଦେଶ୍ୟରେ ଏକ କେକ୍ କାଟି ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ। ଏଥିରେ କମ୍ପାନୀର ଅନେକ କର୍ମଚାରୀ ଅନ୍ୟ ଅଂଶୀଦାରମାନେ ଭାଗ ନେଇଥିଲେ। ସେହିଭଳି ଜିନ୍ଦଲ ମହିଳା ସମିତି ପକ୍ଷରୁ ଅନିତା ମିତ୍ତଲଙ୍କ ନେତୃତ୍ୱରେ ଜନ୍ମ ଦିବସର କେକ୍ କଟାଯାଇ ଶ୍ରୀମତୀ ଜିନ୍ଦଲଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଏଥିରେ ଜିନ୍ଦଲ ନଗର ର ଅନେକ ସଦସ୍ୟ ଅଂଶ ଗ୍ରହଣ କରିଥିଲେ।

ଏହି ଅବସରରେ ଶ୍ରୀମତୀ ଜିନ୍ଦଲଙ୍କ ନିରନ୍ତର ସୁସ୍ଥତା କାମନା କରି ଦେବଭୂମି ଜଗନ୍ନାଥ ମନ୍ଦିରରେ ଏବଂ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲ ପରିସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ଶ୍ରମିକ ବିହାର, ଜିନ୍ଦଲ – ଆଶା, ସାବିତ୍ରୀ ଜିନ୍ଦଲ ସ୍କୁଲ ପରିସରରେ ମଧ୍ୟ ଜନ୍ମଦିନ କେକ୍ କଟାଯାଇଥିଲା ଏବଂ ଶ୍ରୀମତୀ ଜିନ୍ଦଲଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା।

# କୃତ୍ରିମ ବୁଦ୍ଧିମତା ବର୍ତ୍ତମାନ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହାର ସଦୁପଯୋଗ ହେଉ : କୁଳପତି

**ବାଲେଶ୍ୱର, ନ୍ୟୁଜ୍**



ଫକୀର ମୋହନ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗ ତଥା ଇଲେକ୍ଟ୍ରିକାଲ ଏବଂ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍ସ ଇନଷ୍ଟିଚ୍ୟୁଟ୍ ଜିଓ ସାଇନ୍ସ ଏବଂ ରିମୋଟ ସେନ୍ସିଂ ସୋସାଇଟି କୋଲକାତା ଅଧ୍ୟାୟର ସହଯୋଗରେ ଚଳିତ ମାର୍ଚ୍ଚ ୨୨ ଓ ୨୩ ତାରିଖରେ ଦୁଇଦିନିଆ ନ୍ୟାସନାଲ କନଫରେନ୍ସ ଅନ ଆଡଭାନ୍ସେସ ଇନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏ.ଆଇ )ସିଷ୍ଟମ ଆୟୋଜିତ ହୋଇଯାଇଛି।

ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରି ନିଜର ଅଭିଭାଷଣରେ କହିଥିଲେ ଯେ, ଏହି ସମ୍ମିଳନୀ ସମସ୍ତ ଗବେଷକ, ଅନୁସନ୍ଧାନକାରୀ, ଅଭ୍ୟାସକାରୀ, ଶିଳ୍ପପତି, ନୀତି ନିର୍ଣ୍ଣୟକାରୀ ପ୍ରମୁଖଙ୍କ ଯୋଗଦାନ ହେତୁ ସମାବେଶଟି ଉନ୍ନତମାନର ହେବା ସହ ଏହାର ଶେଷ ନିଷ୍କର୍ଷ ଅନେକ ମୂଲ୍ୟବାନ ତଥ୍ୟକୁ ଜନ୍ମ ଦେଇପାରିବ। ସମ୍ମିଳନୀର ଆୟୋଜକ ମାନେ କୃତିମ ବୁଦ୍ଧିମତା(ଏ.ଆଇ) ସଂପର୍କିତ ଅତ୍ୟାଧୁନିକ ଅଗ୍ରଗତି, ଧାରଣା ଆଦାନପ୍ରଦାନ ଏବଂ ଏ.ଆଇ ସିଷ୍ଟମର ଭବିଷ୍ୟତ ଗଠନ ପାଇଁ ଏକ ଗତିଶୀଳ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି। ସମ୍ମିଳନୀରେ ଅନୁସନ୍ଧାନକାରୀ, ଗବେଷକ, ଅଭ୍ୟାସକାରୀ ଏବଂ ଉଦ୍ୟୋଗୀ ଓ ଶିଳ୍ପ ପ୍ରଫେସନାଲମାନଙ୍କ ସହ ଆଲୋଚନା ଦ୍ୱାରା ମୂଲ୍ୟବାନ ସଂଯୋଗ, ସହଯୋଗ ଏବଂ ସହଭାଗିତା ପ୍ରତିଷ୍ଠା କରିବାରେ ସାହାଯ୍ୟ କରିପାରିବ, ଯାହା ନୂତନ ସୁଯୋଗ ଏବଂ ଅନ୍ତର୍ନିହିତ କାରଣ ହୋଇପାରେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସ୍ୱାଗତ ଭାଷଣରେ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ସଫଳ ନେଇ ଆଶାବ୍ୟକ୍ତ କରିଥିଲେ। କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ତଥା କାର୍ଯ୍ୟକ୍ରମର ଆବାହକ ଡକ୍ଟର ଆଶାନ୍ତ ରଂଜନ ରାଉତ ସମ୍ମିଳନୀର ଅତିଥିଙ୍କ ସ୍ୱାଗତ ତଥା କାର୍ଯ୍ୟକ୍ରମର ବିଷୟବସ୍ତୁକୁ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ସେଲ ର ନିର୍ଦ୍ଦେଶକ, ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ, ମେସିନ ଲର୍ନିଙ୍ଗ ଆଲଗୋରିଦମଗୁଡିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉଦ୍ଦେଶ୍ୟ ଏବଂ ଧାରଣାର ବୁଝାମଣାକୁ ଏ.ଆଇ-ଚାଳିତ ସମାଧାନର ଓ ଏହା ବାସ୍ତବ-ବିଶ୍ୱ କାର୍ଯ୍ୟକାରିତାକୁ ଆଲୋକିତ କରିଛି ବୋଲି ମତବ୍ୟକ୍ତ କରିଥିଲେ।

ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କୁକୁମିନା ଦାସ ନିଜ ଅଭିଭାଷଣରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ସହଯୋଗ ତଥା ଭାବ ବିନିମୟ ପାଇଁ ବିଶ୍ୱର ଏ.ଆଇ ପ୍ରଣାଳୀ ସହ ସଂଲଗ୍ନ ରହିବାର ଗୁରୁତ୍ୱ ବିଷୟରେ କହିଥିଲେ। ଯାହା ଛାତ୍ରମାନଙ୍କୁ ସେମାନଙ୍କର ଏ.ଆଇ ବିଷୟରେ ଅନୁସନ୍ଧାନ ଉପସ୍ଥାପନ କରିବା, ଅଗ୍ରଣୀ ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିବା ଏବଂ କ୍ୟାରିୟର ବିଷୟରେ ଜ୍ଞାନ ଆହରଣ କରିବାର ସୁଯୋଗ ପ୍ରଦାନ କରିବ।

ସମ୍ମିଳନୀର ସମ୍ମାନିତ ଅତିଥି, ସଷ୍ଟେନେବଲ ଆଉଟରିଚ ଏବଂ ୟୁନିଭର୍ସାଲ ଲିଡରସିପ (ସୋଲ) ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ପ୍ରଫେସର ସସ୍ମିତା ସାମନ୍ତ, ରୋବୋଟିକ୍ସ, ସ୍ୱୟଂଶାସିତ ଯାନ, ଡ୍ରୋନ ଏବଂ ରୋବୋଟିକ ପ୍ରକ୍ରିୟା ସ୍ୱୟଂଚାଳିତ (ଆରପିଏ)ର ଅଗ୍ରଗତି, ସ୍ୱୟଂଶାସିତ ପ୍ରଣାଳୀ ଏବଂ ମାନବ-ରୋବଟ୍ ସହଯୋଗର ଭବିଷ୍ୟତ ଗଠନ ଉପରେ ନିଜର ଚିନ୍ତାଧାରା ବାଣ୍ଟିଥିଲେ। ଏଥିସହ ମୁଖ୍ୟ ବକ୍ତା ନିର୍ଦ୍ଦେଶକ, ଆଇଏମଆଇ, ଭୁବନେଶ୍ୱର, ପ୍ରଫେସର ରମେଶ ବେହେଲ, ଭବିଷ୍ୟତରେ ଏ.ଆଇ ଟେକ୍ନୋଲୋଜିର ପ୍ରୟୋଗ ବିଷୟରେ ବର୍ଣ୍ଣନା କରିଛନ୍ତି ଯାହା ବ୍ୟବସାୟର ନୂତନ ରୂପାୟନ, ରାଜସ୍ୱ ପ୍ରବାହକୁ ଅନୁସନ୍ଧାନ କରିବାରେ ସକ୍ଷମ କରିପାରିବ ଏବଂ କାରବାର ତଥ୍ୟ, ଉପଭୋକ୍ତା ଆଚରଣ ଏବଂ କାର୍ଯ୍ୟକଳାପର ଢାଞ୍ଚାଗୁଡ଼ିକୁ ବିଶ୍ଳେଷଣ କରିବାରେ ସକ୍ଷମ ହୋଇପାରେ।

ମୁଖ୍ୟ ଅତିଥି ତଥା ଆଇଆଇଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆଶିଷ ଘୋଷ ନିଜର ଅଭିଜ୍ଞତା ବାଣ୍ଟିଛନ୍ତି ଏବଂ ଏ.ଆଇ.ରେ ଉଦୀୟମାନ ଗବେଷଣା କ୍ଷେତ୍ର, ଆହ୍ୱାନ ଏବଂ ସୁଯୋଗ ଅନୁସନ୍ଧାନରେ ସର୍ବୋତ୍ତମ ଭବିଷ୍ୟତ ଦିଗ ଆହରଣ ବିଷୟରେ ଆଲୋକପାତ କରିଥିଲେ। ଏ.ଆଇ ଭବିଷ୍ୟତର ପ୍ରକୃଷ୍ଟ ଅନୁସନ୍ଧାନ କ୍ଷେତ୍ର ଏବଂ ଏ.ଆଇ.ରେ ପ୍ରଯୁଜ୍ୟ ନିବେଶର ମାର୍ଗଦର୍ଶନ ମଧ୍ୟ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମିଳନୀ ସ୍ମରଣିକା, ଓଡିଆ ପତ୍ରିକା (ଡିଜିଟାଲ ଏକ୍ସପ୍ଲୋରର) ଏବଂ ଏକ ନ୍ୟୁଜଲେଟର ଉନ୍ମୋଚନ କରାଯାଇଥିଲା।

କୁଳପତି ପ୍ରଫେସର ତ୍ରିପାଠୀ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଆମନ୍ତ୍ରିତ ଅତିଥିମାନଙ୍କୁ ଏ.ଆଇ ରେ ବିନିଯୋଗ ସମସ୍ତ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ କମ୍ପ୍ୟୁଟର ସାଇନ୍ସ ବିଭାଗ ଦ୍ୱାରା ଆୟୋଜିତ କୋଡିଂ ଚ୍ୟାଲେଞ୍ଜ-୨୪ ର ବିଜେତା ଛାତ୍ରଛାତ୍ରୀଙ୍କୁ ସେ ପୁରସ୍କୃତ କରିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ଶ୍ରୀଲଙ୍କା, ଦକ୍ଷିଣ କୋରିଆ, ପଶ୍ଚିମବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ, ଛତିଶଗଡ, ଭୁବନେଶ୍ୱର, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ବରିପଦା, ଢେଙ୍କାନାଳ, ବୁର୍ଲା, ଜୟପୁର, ଧର୍ମଶାଳା, ମୁମ୍ବାଇ, ଗୁଜୁରାଟ, ବ୍ରହ୍ମପୁର ଏବଂ ବାଲେଶ୍ୱରର ୩୦୦ ରୁ ଅଧିକ ଅଂଶଗ୍ରହଣକାରୀ କାର୍ଯ୍ୟ କରୁଥିବା ଏବଂ ଏ.ଆଇ ପ୍ରତି ଆଗ୍ରହ ଥିବା ଛାତ୍ରମାନେ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିଲେ।

ଏଥିସହିତ ଉଦ୍‌ଘାଟନୀ ସମାରୋହରେ ପାରସ୍ପରିକ ଗବେଷଣା ସହଯୋଗକୁ ବୃଦ୍ଧି କରିବା ତଥା ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଦ୍ୱାରା ନୂତନତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସହାୟକ ହେବା ଉଦ୍ଦେଶ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସହିତ ସଷ୍ଟେନେବଲ ଆଉଟ୍ରିଚ୍ ଆଣ୍ଡ ୟୁନିଭର୍ସାଲ ଲିଡରସିପ ଲିମିଟେଡ (ସୋଲ୍) ଅନୁଷ୍ଠାନର ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମିଳନୀର ସହ-ସଂଯୋଜକ ଆସିଷ୍ଟାଣ୍ଟ ପ୍ରଫେସର ଡ଼କ୍ଟର ମୋନାଲିସା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ୫୦ ରୁ ଅଧିକ ଗବେଷକ ନିଜର ସଂଦର୍ଭ ଉପସ୍ଥାପନ କରିବାନେଇ ସୂଚିତ କରାଯାଇଛି।

ଏହି ସମ୍ମିଳନୀରେ ଏ.ଆଇ ଅନୁସନ୍ଧାନରେ ଅତ୍ୟାଧୁନିକ ଅଗ୍ରଗତି, ପଦ୍ଧତି, ଏବଂ ସର୍ବୋତ୍ତମ ଅଭ୍ୟାସ ଏବଂ କ୍ଷେତ୍ରର ଅଗ୍ରଣୀ ବିଶେଷଜ୍ଞଙ୍କ ପ୍ରୟୋଗ ବିଷୟରେ ଜାଣିବା ପାଇଁ ସୁଯୋଗ ପ୍ରଦାନ କରିବାକୁ ତଥା ସାମାଜିକ ଆହ୍ୱାନ, ସମାଧାନ, ଜୀବନଶୈଳୀରେ ଉନ୍ନତି ଏବଂ ଅଗ୍ରଗତିରେ ଏ.ଆଇ.ର ରହିଥିବା ସମ୍ଭାବନା ଗୁଡିକ ବିଷୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି। ଅର୍ଥନୈତିକ ଅଭିବୃଦ୍ଧି, ଚିନ୍ତା ଏବଂ ସ୍ୱତଃ ଜନ୍ମିତ ଭୁଲ ଧାରଣାକୁ ମଧ୍ୟ ସମାଧାନ କରାଯିବାର ଉଦ୍ଦେଶ୍ୟ ରଖାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜ୍ୟୋତିବସୁଙ୍କ ...

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମାତ୍ର ନବୀନ ପଟ୍ଟନାୟକ ସିଧାସଳଖ ରାଜନୀତିରେ ପ୍ରବେଶ କରି ମୁଖ୍ୟମନ୍ତ୍ରୀ ହୋଇଥିଲେ। ପିତା ବିଜୁ ପଟ୍ଟନାୟକଙ୍କ ମୃତ୍ୟୁ ପରେ ସେ ରାଜନୀତିକୁ ଆସିଥିଲେ। ବିଜୁ ପଟ୍ଟନାୟକ ତାଙ୍କୁ ରାଜନୀତିରେ ଭର୍ତ୍ତି କରିନଥିଲେ କି ନବୀନ ମଧ୍ୟ କୌଣସି ରାଜନୈତିକ ସଂଘର୍ଷରୁ ରାଜନେତା ହୋଇନଥିଲେ। ବିଜୁଙ୍କ ମୃତ୍ୟୁପରେ ତାଙ୍କୁ ଯେଉଁ ନେତାମାନେ ରାଜନୀତିକୁ ଆଣିଥିଲେ ସେମାନେ ପରବର୍ତ୍ତୀ ସମୟରେ ଦୂରେଇ ଯାଇଥିଲେ। ୨୦୦୦ ମସିହାରୁ ନବୀନ କ୍ଷମତାକୁ ଆସିଲାପରଠୁ କ୍ଷମତା ଆଉ ନବୀନଙ୍କୁ ଛାଡି ନାହିଁ। ଓଡ଼ିଶାର ଲୋକମାନଙ୍କ ସମର୍ଥନ ତାଙ୍କ ପ୍ରତି ପରବର୍ତ୍ତୀ ନିର୍ବାଚନ ମାନଙ୍କରେ ବଢି ବଢି ଚାଲିଛି। ସେହି ଅନୁସାରେ ତାଙ୍କର ଲୋକପ୍ରିୟତା ମଧ୍ୟ ବଢିଛି। ଭାରତ ବର୍ଷରେ ଯେତେ ମୁଖ୍ୟମନ୍ତ୍ରୀ ଅଛନ୍ତି ଏବେ ସବୁଠାରୁ ଭଲ ଓ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ନାଁ କରିଛନ୍ତି। ନବୀନଙ୍କ ଲୋକପ୍ରିୟତାର ପ୍ରମୁଖ କାରଣ ହେଲା ସ୍ୱଚ୍ଛତା ଓ ଲୋକାଭିମୁଖୀ ଶାସନ ବ୍ୟବସ୍ଥା। ଆଗରୁ ଓଡ଼ିଶା ଲୋକେ ବିଜୁଙ୍କ ନାମରେ ଭୋଟ ଦେଉଥିଲେ ଏବେ ଗଲା ତିନୋଟି ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ନାଁରେ ଭୋଟ ଦେଉଛନ୍ତି। ଦୀର୍ଘ ଦିନ ଧରି ଜଣେ ଦକ୍ଷ ଓ ସଫଳ ମୁଖ୍ୟମନ୍ତ୍ରୀ ଭାବେ ରହିବାର କାରଣ ସମ୍ପର୍କରେ ରାଜନୈତିକ ସମୀକ୍ଷକ କହିଛନ୍ତି ଏହା ହେଉଛି ନବୀନଙ୍କ ବ୍ୟକ୍ତିଗତ ଲୋକପ୍ରିୟତା, ସାଧୁତା ଓ ସ୍ୱଚ୍ଛ ଶାସନ। ଦୀର୍ଘ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଥିବା ନବୀନଙ୍କ ଦେହରେ ଆଜି ପର୍ଯ୍ୟନ୍ତ ଦୁର୍ନୀତିର କଳାଦାଗ ଲାଗିନାହିଁ। ପରିବାରବାଦ୍ ଠାରୁ ସେ ବହୁ ଦୂରରେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶା ଶାସନରେ ଯେଉଁଭଳି ପ୍ରଦର୍ଶନ ଦେଖିବାକୁ ମିଳିଛି ତାହା ଆଗରୁ କେବେ ହୋଇନଥିଲା ବୋଲି ସମୀକ୍ଷକ ମତ ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ କୁହାଯାଇଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ନୂଆ ପରିଚୟ ଓ ଭାବମୂର୍ତ୍ତି ଦେଖାଇଛନ୍ତି ତାହାକୁ କେବଳ ଓଡ଼ିଶାରେ ନୁହେଁ ଦେଶର ଅନ୍ୟରାଜ୍ୟରେ ରାଜନେତାମାନେ ମଧ୍ୟ ଶିଖିବାର ଅଛି।କାରଣ ୧୯୯୯ ମସିହାରେ ଓଡ଼ିଶାରେ ସଂଗଠିତ ମହାବାତ୍ୟା କବଳରୁ ରାଜ୍ୟକୁ ରକ୍ଷା କରିବା ସହ ଏକ ନୂଆ ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସବୁ କାମ କରିଛନ୍ତି ତାହା ଦେଶ ଓ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ୱୀକୃତି ଲାଭ କରିଛି। ଏହି ସବୁ କାରଣରୁ ନବୀନ ହିଁ ଦେଶର ସର୍ବଶ୍ରେଷ୍ଠ ଲୋକ ପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ ହେଉଛନ୍ତି। ଅନ୍ୟ ନେତାଙ୍କ ଭଳି ନବୀନ ଭାଷଣ ଉପରେ ବିଶ୍ୱାସ କରନ୍ତି ନାହିଁ ବରଂ ଲୋକଙ୍କ ମଙ୍ଗଳ ପାଇଁ କାମ କରିବାରେ ତାଙ୍କର ବିଶ୍ୱାସ ରହିଛି।

## ୨୦୨୪ ନିର୍ବାଚନରେ ...

ବିବ୍ରତ ଓ ବିଚଳିତ ଅବସ୍ଥାରେ ଘୂରି ବୁଲୁଛନ୍ତି। ଆଗକୁ କ'ଣ ହେବ ସେମାନଙ୍କର ରାଜନୈତିକ ଭବିଷ୍ୟତ କିଏ ଆସିବ, କିଏ ଚିତ୍‌ପଟାଙ୍ଗ ମାରିବ ତ ଆଉ କିଏ ବିଶ୍ରାମ ନେବ। ନେତାମାନଙ୍କ ମନରେ ଏବେ ଏହିସବୁ ଭାବନା ଦୋଳାୟମାନ ହେଉଛି। ଏହିଭଳି ଜଟିଳ ସମସ୍ୟାରୁ ମୁକୁଳିବା ଆଉ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ ଅନେକ ନେତା ଜ୍ୟୋତିଷ ବିଶାରଦ, ପଣ୍ଡିତଙ୍କ ଦ୍ୱାରସ୍ଥ ହେବା ସହ ଶରଣାପନ୍ନ ହେଲେଣି ଏବଂ ଆଉ କେତେକ ଦେବାଦେବୀ ମନ୍ଦିରରେ ପୂଜାପାଠ, ହୋମଯଜ୍ଞ ପ୍ରସ୍ତୁତିରେ ଲାଗିପଡ଼ିଲେଣି। ପାଞ୍ଚବର୍ଷ ପରେ ଏବେ ଓଡ଼ିଶା ସମେତ ସାରା ଦେଶରେ ନିର୍ବାଚନ ହାୱା ବୋହିବା ଆରମ୍ଭ କରିଛି। ଏହି ହାୱାରେ କିଏ ରହିବ ଆଉ କିଏ ଉଡ଼ିଯିବ ତାହା ପରବର୍ତ୍ତୀ ସମୟରେ ଇତିହାସ ଫର୍ଦ୍ଦରେ ଯୋଡ଼ିହେବ। ନିର୍ବାଚନ ପାଇଁ ଯଦିଓ ସବୁଦଳ ଓ ନେତାଙ୍କର ବିଶେଷ ଗୁରୁଦାୟିତ୍ୱ ବଢିଯାଇଛି, ମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅତ୍ୟନ୍ତ ହାଲୁକା ବିଷୟ ହୋଇଛି। କଥା କମ୍, କାମ ଅଧିକ ନୀତିରେ ବିଶ୍ୱାସୀ ନବୀନ ତାଙ୍କର ଓଡ଼ିଶାବାସୀଙ୍କୁ ଭଲପାଇବା ଓ ବିକାଶ କାର୍ଯ୍ୟକ୍ରମକୁ ଚଳାଇ ରଖିଥିବା ହେତୁ ସର୍ବାଧିକ ପସନ୍ଦଯୋଗ୍ୟ ମୁଖ୍ୟମନ୍ତ୍ରୀ ହେବା ସହ ଅନ୍ୟସବୁ ନେତାଙ୍କ ଠାରୁ ଢେର୍ ଆଗରେ ରହିଛନ୍ତି। ନିର୍ବାଚନ ଜିତିବାକୁ ନବୀନଙ୍କ ପାଇଁ କୌଣସି ସମସ୍ୟା କି ଆହ୍ୱାନ ନାହିଁ କହିଲେ ଭୁଲ୍ ହେବନାହିଁ। ରାଜନୈତିକ ସମୀକ୍ଷକଙ୍କ ମତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଯେଉଁ ଶିଖରରେ ପହଞ୍ଚିଛି ସେଠି ଅନ୍ୟ କୌଣସି ଦଳ ବା ନେତାଙ୍କ ମନ୍ତ୍ର କାଟୁ କରିବ ନାହିଁ। ବର୍ତ୍ତମାନ ନବୀନ ଏବଂ ତାଙ୍କ ଦଳ ଓଡ଼ିଶାରେ ଏକାକୀ ସରକାର ଗଢିବାକୁ ସମ୍ପୂର୍ଣ୍ଣ ସକ୍ଷମ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୁଅନ୍ତୁ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ହୁଅନ୍ତୁ କିମ୍ବା ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡା ହୁଅନ୍ତୁ, ଯିଏ ଯେତେ ଯାହାସବୁ କୁହନ୍ତୁ, ଓଡ଼ିଶାରେ ନିର୍ବାଚନରେ କେବଳ 'ନବୀନ ବ୍ରାଣ୍ଡ ହିଁ ଓ୍ୱନ୍‌ଲି ଦି ବେଷ୍ଟ', ଏଥିରେ କୌଣସି ପ୍ରକାର କମ୍ପରମାଇଜ୍ ନାହିଁ। ଓଡ଼ିଶାର ଲୋକମାନଙ୍କର ଏବେ ଏହି ସ୍ୱର ବାହାରିଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଆହୁରି ମଧ୍ୟ ଚର୍ଚ୍ଚା ହେଉଛି ଓଡ଼ିଶାର ଭୋଟର ଏବେ ନବୀନଙ୍କ ବିକାଶମୁହାଁ ହେଲେଣି। ସେମାନେ ଆଉ କୁଆଡ଼କୁ ଏପଟ ସେପଟ ହେବାର ନାହିଁ। ନିର୍ବାଚନ ହେଲେ ସେମାନେ ନବୀନ ପଟ୍ଟନାୟକ ଓ ତାଙ୍କ ଦଳ ବିଜେଡ଼ିକୁ ପୂର୍ଣ୍ଣ ସମର୍ଥନ ଦେଇ ବିପୁଳ ଭୋଟରେ ବିଜୟୀ କରିବା ସହ ପୁନଃ କ୍ଷମତାସୀନ କରାଇବେ। ଏ ପ୍ରକାର ଆକଳନ ଅନୁସାରେ ଓଡ଼ିଶାର ଭୋଟରମାନେ ଏବେ ଆଉ କାହା (କେଉଁ ଦଳ ବା ନେତାଙ୍କ) ଉପରେ ଆଶାପ୍ରକଟ କରିପାରୁ ନାହାଁନ୍ତି। ସ୍ଥିର ସରକାର ଓ ଦୃଢ଼ ନେତୃତ୍ୱ କେବଳ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଦଳ ବା ନେତା ଓଡ଼ିଶାବାସୀଙ୍କୁ ଦେବା ପାଇଁ ସକ୍ଷମ ହୋଇପାରିବେ ନାହିଁ। ସମୀକ୍ଷକଙ୍କ ମତରେ ଓଡ଼ିଶାରେ ଏବେ କେବଳ ନବୀନଙ୍କ ନାମରେ ଛବିରେ, ମୁହଁରେ ଓ କଥାରେ ହିଁ ଭୋଟ ରହିଛି। ଅନ୍ୟ କୌଣସିଥିରେ ନାହିଁ। ଓଡ଼ିଶାରେ ଭୋଟରମାନେ ବି ଏକଥା ଭଲ ଭାବେ ବୁଝିସାରିଛନ୍ତି। ଯଦି ଯାହା କିଛି ବିକାଶ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାରେ ସମ୍ଭବ ହୋଇପାରିଛି ଏବଂ ଆଗକୁ ଏହି ବିକାଶଯାତ୍ରା ତ୍ୱରାନ୍ୱିତ ହୋଇପାରିବ, ତାହା କେବଳ ନବୀନଙ୍କ ଦ୍ୱାରା ହିଁ ସମ୍ଭବ ହେବ। ନବୀନଙ୍କ ନୂଆ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନକୁ ବାସ୍ତବ ରୂପ ଦେବାରେ ପ୍ରମୁଖ ବିନ୍ଧାଣୀ ସାଜିଥିବା ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଗତ ତିନିବର୍ଷ ଧରି ଲଗାତାର ଭାବେ ରାଜ୍ୟ ସାରା ବୁଲି ଏହି ଅଭିଯାନକୁ ଯେଉଁଭଳି ଗତିଶୀଳ କରାଇଛନ୍ତି, ସାଧାରଣ ଲୋକେ ତାହାକୁ ଅକୁଣ୍ଠ ଚିତ୍ତରେ ସ୍ୱାଗତ, ସମର୍ଥନ ଓ ସହଯୋଗ ଦେଇଛନ୍ତି। ଯାହାଫଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ସାରା ଦେଶର ଦୃଷ୍ଟି ଆକର୍ଷଣ କରିବା ସହ ଜନମାନସରେ ନବୀନ ସରକାରଙ୍କ ପ୍ରତି ଦୃଢ଼ ଆଶା ଓ ବିଶ୍ୱାସ ଜନ୍ମାଇ ପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପଞ୍ଚମ ପାଳିର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଅର୍ଥାତ୍ ୨୦୧୯ରୁ ଏଯାବତ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଯାହାସବୁ ବିକାଶମୂଳକ କାମ ହୋଇଛି ତାହା ସମଗ୍ର ଦେଶରେ ରେକର୍ଡ଼ ବୋଲି କୁହାଯାଇଛି। କଟକ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲକୁ ବିଶ୍ୱସ୍ତରୀୟ (ଏମ୍ସ ପ୍ଲସ) କରିବା କାମ ହେଉ କି ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ, ରାଉରକେଲାରେ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଓଡ଼ିଶାକୁ କ୍ରୀଡ଼ା ଭିତ୍ତିଭୂମି ବିକାଶର ହବ୍ ଭାବେ ବିକଶିତ କରିବା ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ କି ସମଲେଇ ପ୍ରକଳ୍ପ, ସବୁ କାମରେ ବିକାଶର ସ୍ପଷ୍ଟ ଚିହ୍ନ ବାରି ହୋଇପଡୁଛି। ଏହି ଅବଧି ମଧ୍ୟରେ ନବୀନ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ସାଧାରଣ ଲୋକଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ସେହିଦୃଷ୍ଟିରୁ ଏବେ ନିର୍ବାଚନ ପାଖ ହୋଇ ଆସୁଥିବା ବେଳେ ଆଉ କାହା କଥା କାଟୁ କରୁନାହିଁ। ଏହାର ଏକମାତ୍ର କାରଣ ହେଲା ନବୀନଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସରକାର ଓଡ଼ିଶାରେ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୪ ବର୍ଷ ଧରି ରାଜ୍ୟବାସୀଙ୍କୁ ବିକାଶମୂଳକ ଯୋଜନା ଜରିଆରେ ସେବା ଓ ସୁଶାସନ ଯୋଗାଇ ଆସୁଛନ୍ତି। ଏଥିପାଇଁ ହିଁ ନବୀନ ସରକାର ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ପ୍ରାପ୍ତ ହେବା ସହ ଅଜସ୍ର ପ୍ରଶଂସା ମଧ୍ୟ ସାଉଁଟୁଛନ୍ତି। ଏ ପ୍ରକାର ଆସ୍ଥା, ବିଶ୍ୱାସ ଓ ପ୍ରଶଂସା ଆଗରୁ କେବେ ଓଡ଼ିଶାରେ ଅନ୍ୟକୌଣସି ରାଜନୈତିକ ଦଳ ବା ନେତା ହାସଲ କରିପାରି ନାହାଁନ୍ତି। ଏହିସବୁ ଦୃଷ୍ଟିରୁ ବିରୋଧୀଙ୍କ ପ୍ରଚରର କୌଣସି ପ୍ରଭାବ ଅନୁଭୂତ ହେବ ନାହିଁ କି ନବୀନଙ୍କ ଛବି ଓ ଭାବମୂର୍ତ୍ତିରେ କୌଣସି ଆଞ୍ଚ ଆସିବ ନାହିଁ। ନିର୍ବାଚନରେ ନବୀନ ଓ ତାଙ୍କ ଦଳ ଯେ ନିଶ୍ଚିତ ବାଜିମାତ କରିବ, ଏଥିରେ ସନ୍ଦେହ ନାହିଁ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ...

ଗୟାଲପୋ ପ୍ରଦାନ କରାଯାଇଥିଲା । ଭୁଟାନର ରାଜା ଜିଗମେ ଖେସର ନାମଗିଲ ୱାଙ୍ଗଚୁକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି । ଏହି ସମ୍ମାନ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ପ୍ରଥମ ବିଦେଶୀ ଦେଶର ମୁଖ୍ୟ। ଏନେଇ ଭୁଟାନ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ନେତୃତ୍ୱର ଏକ ଉତ୍କୃଷ୍ଟ ପରିଚୟ। ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି ଏବଂ ୨୦୩୦ ସୁଦ୍ଧା ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ପଡୋଶୀ ଦେଶ ପ୍ରଥମ ନୀତି ଦକ୍ଷିଣ ଏସିଆକୁ ମଜଭୂତ କରିଛି ଏବଂ ସାମୂହିକ ପ୍ରଗତିର ପଥ ପରିଷ୍କାର କରିଛି। ଭୁଟାନ ପାଇଁ ଏହା ଏକ ଗୌରବର ବିଷୟ ଯେ ଭୁଟାନର ପ୍ରକୃତ ବନ୍ଧୁ ହେଉଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବନ୍ଧୁତା ଏବଂ ଭୁଟାନ ପ୍ରତି ସମର୍ଥନ ପାଇଁ ଆମର ସମ୍ପର୍କ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି । ଭୁଟାନ ପକ୍ଷରୁ ୧୭ ଡିସେମ୍ବର ୨୦୨୧ରେ ୧୧୪ ତମ ଜାତୀୟ ଦିବସ ପାଳନ ସମୟରେ ଭୁଟାନର ରାଜା ଏହି ସମ୍ମାନ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଭାବରେ ଭୁଟାନକୁ ଏହା ହେଉଛି ମୋଦିଙ୍କର ତୃତୀୟ ଗସ୍ତ।

## ବରିଷ୍ଠ ରାଜନେତା ...

ନବୀନଙ୍କ ସରକାରରେ ଏକାଧିକ ଥର ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ତେବେ ୨୦୧୯ରେ ବିଜେପି ଟିକେଟରୁ ନିର୍ବାଚନ ଲଢି ପରାଜିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଜେପିକୁ ବାଏ ବାଏ କରି ପୁଣି ବିଜେଡିକୁ ଫେରିଥିଲେ। ସୂଚନାଯୋଗ୍ୟ ଡ. ଦାମୋଦର ରାଉତ ୧୯୪୨ ମସିହା ଜୁଲାଇ ୨ ତାରିଖରେ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ମହିମାଦେଇପୁର ଡାକଘର ଅଧୀନ ମାଳିପୁର ଗାଁରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବାପା ଥିଲେ କପିଳ ଚନ୍ଦ୍ର ରାଉତ। ତାଙ୍କର ଏକମାତ୍ର ପୁଅ ସମ୍ବିତ ରାଉତ ଓ ଦୁଇ ଜଣ ଝିଅ (ପ୍ରୀତିନନ୍ଦା ରାଉତରାୟ) ଅଛନ୍ତି। ସମାଜ ସେବାକୁ ଭଲ ପାଇବା ସହିତ ସେ ଓଡ଼ିଶା ରାଜନୀତିର ଜଣେ ଅଭିଜ୍ଞ ରାଜନୀତିଜ୍ଞ ଥିଲେ। ଋଷ, ଚୀନ, ଜାପାନ, ଥାଇଲାଣ୍ଡ, ଫିଲିପାଇନ୍ସ, ମାଲେସିଆ ଓ ତାଇୱାନ ଭ୍ରମଣ କରିଥିଲେ। ଡ. ରାଉତ ୧୯୭୭ରୁ ୧୯୮୫ ଜନତା ଦଳ ଟିକେଟରେ ଏରସମାରୁ ବିଧାୟକ ହୋଇଥିଲେ। ୧୯୯୦ରୁ ୧୯୯୫ରେ ପୁଣି ଜନତ ଦଳ ଟିକେଟରେ ଏରସମାରୁ ବିଧାୟକ ହୋଇଥିଲେ। ବିଜେଡି ଟିକେଟରେ ୨୦୦୨ରୁ ୨୦୦୯ ଯାଏଁ ଏରସମାରୁ ଓ ୨୦୦୯ରୁ ୨୦୧୯ ଯାଏଁ ପାରାଦୀପରୁ ବିଧାୟକ ହୋଇଥିଲେ। ସାତ ଥର ବିଧାୟକ ହେବା ସହିତ ସେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ସାମାଜିକ କଲ୍ୟାଣ, ପଞ୍ଚାୟତିରାଜ ଓ ଅବକାରୀ, ମହିଳା ଓ ଶିଶୁ ବିକାଶ, ସୂଚନା ଓ ଲୋକସଂପର୍କ, ସଂସ୍କୃତି, କୃଷି, ସମବାୟ, ମତ୍ସ୍ୟ ଓ ପ୍ରାଣୀ ସଂପଦ ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭାଗରେ ମନ୍ତ୍ରୀ ଥିଲେ।

ଭୁବନେଶ୍ୱର
୨୩ ମାର୍ଚ୍ଚ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# କାର୍ ସହ ୧୩୨ କେଜି ଗଞ୍ଜେଇ ଓ ୪ ଲକ୍ଷ ଟଙ୍କା ଜବତ : ୩ ଗିରଫ



**ବାଲିଗୁଡ଼ା, ୨୨।୩:ନ୍ୟୁଜ୍‌ବ୍ୟୁରୋ**

ପୁଲିସ ପଞ୍ଝାରେ ପଡ଼ିଛି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ରାକେଟ, ଯାହାକୁ ନେଇ ପୁଲିସ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବାଲିଗୁଡ଼ା ପୁଲିସ ପକ୍ଷରୁ ବାରଖମା ନିକଟସ୍ଥ ଡାବୁଡାକା ଘାଟିରେ ବାଲିଗୁଡ଼ା-ଲଣ୍ଡାଗାଁ ରାସ୍ତାରେ ବ୍ଲକିଂ କରି ଗାଡି ମୋଟର ଚେକିଙ୍ଗ କରୁଥିବା ବେଳେ ସେହି ରାସ୍ତା ଦେଇ ଦୁଇଟି କାର୍ ଆସୁଥିବା ବେଳେ ପୁଲିସର ବ୍ଲକିଂ ଓ ଚେକିଙ୍ଗ ଦେଖି ଦୁଇ ଜଣ ଓହ୍ଲାଇ ଦୌଡି ପଳାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବାଲିଗୁଡ଼ା ଏସ୍‌ଡିପିଓ ରାହୁଲ ଗୋୟେଲ ଗାଡିରେ ଥିବା ଅନ୍ୟ ତିନି ଜଣଙ୍କୁ କାବୁ କରିଥିଲେ। ଏହା ପରେ ଦୁଇଟି କାର୍‌କୁ ପୁଲିସ ଚେକିଙ୍ଗ କରିବା ବେଳେ ସେହି କାର୍‌ରୁ ୫ଟି ବସ୍ତାରେ ୧୩୨ କେଜି ଗଞ୍ଜେଇ ସହ ନଗଦ ୪ ଲକ୍ଷ ଟଙ୍କା, ୫ଟି ମୋବାଇଲ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି। ଗିରଫ ବ୍ୟକ୍ତିମାନେ ହେଲେ ରାଉରକେଲାର ଅଶୋକ ଗିରି, ତାମିଲନାଡୁର ଲୌର୍ଦୋ ଆଣ୍ଟୋନୀ ଓ ଜେ.ସେଲଭା କୁମାର ବୋଲି ଜଣାପଡିଛି। ତଦନ୍ତରୁ ଜଣାପଡିଛି ଯେ, ଏହି ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ରାକେଟ ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ତାମିଲନାଡୁକୁ ଚାଲାଣ କରୁଥିଲେ ଓ ସେଠାରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ ବୋଲି ସାମ୍ବାଦିକ ସମ୍ମିଳନୀ କରି ବାଲିଗୁଡା ଏସ୍‌ଡିପିଓ ରାହୁଲ ଗୋୟେଲ ଜଣାଇଛନ୍ତି। ଏଠାକୁ ବ୍ୟବସାୟ କରିବାକୁ ଆସି ଗଞ୍ଜେଇ କ୍ରୟ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏ ନେଇ ବାଲିଗୁଡା ଥାନା କେଶ ନଂ. ୭୫/୨୪ ରେ ଏକ ମାମଲା ରୁଜୁ କରି ଏସଆଇ ବିକାଶ କୁମାର ଜାଲିଙ୍କୁ ଏହାର ତଦନ୍ତ ଭାର ଦିଆଯିବା ସହ ଅଧିକ ତଦନ୍ତ ଚାଲିଥିବା ବିଷୟ ଏସ୍‌ଡିପିଓ ଶ୍ରୀ ଗୋୟଲ ପ୍ରକାଶ କରିଛନ୍ତି।





ଭୁବନେଶ୍ୱର : ବିରଜା ମନ୍ଦିର ପଣ୍ଡିତ ସଭା ଦ୍ୱାରା ଅନୁମୋଦିତ ତଥା ବହୁଗ୍ରନ୍ଥ ପ୍ରଣେତା ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଜ୍ୟୋତିର୍ବିଦ ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦଙ୍କ ଦ୍ୱାରା ସମ୍ପାଦିତ ବିରଜା ପଞ୍ଜିକାର ଆନୁଷ୍ଠାନିକ ଉନ୍ମୋଚନ 'ସମ୍ବାଦ କଳିକା' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। 'ସମ୍ବାଦ କଳିକା', 'କଥା କଳିକା', 'ଉତ୍କଳ ଦୀପିକା' ତଥା 'ରବିବାସରୀୟ କଳିକା'ର ସମ୍ପାଦକ ଜୟାଶୀଷ ରାୟ ଏହାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରୁଛନ୍ତି। ଗତ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଣ୍ଡିତ ଚନ୍ଦ୍ରଶେଖର ନନ୍ଦ ସଫଳତାର ସହ ଏହି ଲୋକପ୍ରିୟ ପଞ୍ଜିକା ପ୍ରକାଶନ କରି ଆସୁଛନ୍ତି। (ଫଟୋ : ସମ୍ବାଦ କଳିକା)

# କିସ୍ ବିଶ୍ୱବିଦ୍ୟାଳୟକୁ ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା

**ଭୁବନେଶ୍ୱର, ୨୨।୩:ନ୍ୟୁଜ୍‌ବ୍ୟୁରୋ**




କିସ୍ ବିଶ୍ୱବିଦ୍ୟାଳୟକୁ ନ୍ୟାସନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେସନ୍ କାଉନସିଲ୍ (ନାକ୍) ପକ୍ଷରୁ 'ଏ' ଗ୍ରେଡ୍ ମାନ୍ୟତା ପ୍ରଦାନ କରାଯାଇଛି। କିସ୍ ବିଶ୍ୱବିଦ୍ୟାଳୟ ପ୍ରଥମ ଥର ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ପାଇଛି। ଦେଶର କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଥମ ଥରରେ ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ପାଇବା କ୍ଷେତ୍ରରେ କିସ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଶିକ୍ଷାନୁଷ୍ଠାନ। ୨୦୧୭ ମସିହାରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କିସ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯାଇଥିଲା। କିସ୍ ବିଶ୍ୱବିଦ୍ୟାଳୟକୁ ପ୍ରଥମ ଥର ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ମିଳିଥିବାରୁ ଶିକ୍ଷାବିତ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। କିସ୍ ବିଶ୍ୱବିଦ୍ୟାଳୟ ଠିକ୍ ସମୟରେ ନାକ୍ ମାନ୍ୟତା ପାଇଁ ଆବେଦନ କରି ପ୍ରଥମ ଥରରେ ନାକ୍‌ର 'ଏ' ଗ୍ରେଡ୍ ମାନ୍ୟତା ପାଇବା ହେଉଛି ଏକ ବଡ଼ ସଫଳତା। ଏହା କିସ୍ ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ସୂଚୀତ କରୁଛି ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। କିସ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ଏଥିପାଇଁ କିସ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପକ୍ଷରେ କିସ୍‌ର ଏହି ସଫଳତା ପାଇଁ କିସ୍‌ର ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଜନଜାତି ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରତିଷ୍ଠାତା ଡ. ସାମନ୍ତଙ୍କ ନିରନ୍ତର ଓ ନିଷ୍ଠାପର ପ୍ରୟାସ ଯୋଗୁଁ କିସ୍‌କୁ ଆଜି ଏହି ସଫଳତା ମିଳିପାରିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କିସ୍ ବିଶ୍ୱବିଦ୍ୟାଳୟ ହେଉଛି ବିଶ୍ୱର ଏକମାତ୍ର ଜନଜାତି ବିଶ୍ୱବିଦ୍ୟାଳୟ। କିସ୍ ହେଉଛି ଏକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ, ସମ୍ପୂର୍ଣ୍ଣ ଆବାସିକ ଓ ନିଃଶୁଳ୍କ।



ଭୁବନେଶ୍ୱର : ବିଧାନସଭା ପରିସରରେ ଡା. ଦାମୋଦର ରାଉତଙ୍କ ମରଶରୀର ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବିଧାୟକ ତଥା ପୁତ୍ର ସମ୍ବିତ ରାଉତରାୟ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଏବଂ ବିଧାନ ସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)


## ପୁଣି ଇତିହାସ ରଚିଲା ଇସ୍ରୋ : ପୁଷ୍ପକ ବିମାନର ହେଲା ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୨୨।୩**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ବଡ଼ ସଫଳତା। ଶୁକ୍ରବାର କର୍ଣ୍ଣାଟକର ଚିତ୍ରଦୁର୍ଗଠାରେ ପୁଷ୍ପକ ବିମାନକୁ ସଫଳତାର ସହ ଅବତରଣ କରିଛି। ଟୁଇଟ୍ ମାଧ୍ୟମରେ ଏହି ସୂଚନା ଦେଇଛି ଇସ୍ରୋ। ପୁଷ୍ପକ ବିମାନ ହେଉଛି ଏକ ଏସୟୁଭି ଆକାରର ପକ୍ଷୀ ଭିତ୍ତିକ ରକେଟ, ଯାହାକୁ ସ୍ୱଦେଶୀ ସ୍ପେସ୍ ସଟଲ ମଧ୍ୟ କୁହାଯାଏ। ପୁନଃ ବ୍ୟବହାର ଯୋଗ୍ୟ ରକେଟ ବିଭାଗରେ ସଫଳତା ହାସଲ କରିବା ପାଇଁ ଭାରତର ଏହା ଏକ ବଡ ପଦକ୍ଷେପ। ଇସ୍ରୋ କହିଛି, ଆରଏଲଭି-୦୨ ଅବତରଣ ପରୀକ୍ଷଣ ମାଧ୍ୟମରେ ପୁନଃବ୍ୟବହାର ଯୋଗ୍ୟ ଲଞ୍ଚ୍ ଯାନ (ଆରଏଲଭି) ଟେକ୍ନୋଲୋଜି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରାଯାଇଛି। ଏହି ଟେଷ୍ଟ କର୍ଣ୍ଣାଟକର ଚିତ୍ରଦୁର୍ଗସ୍ଥିତ ଏରୋନେଟିକାଲ ଟେଷ୍ଟ ରେଞ୍ଜ (ଏଟିଆର)ରେ ସକାଳ ୭.୧୦ରେ କରାଯାଇଥିଲା।

# ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର: ଗ୍ରାଉଣ୍ଡକୁ ଯାଅ, ଲୋକଙ୍କ ନିକଟତର ହୁଅ

**ଭୁବନେଶ୍ୱର, ୨୨।୩**
**ନ୍ୟୁଜ୍‌ବ୍ୟୁରୋ**



ଏଣିକି ବଡ଼ ବିଜୟ ହିଁ ବିଜୁ ଜନତା ଦଳର ମୁଖ୍ୟ ଏଜେଣ୍ଡା, ଯେଉଁଥି ପାଇଁ ପ୍ରତିଦିନ ନବୀନ ନିବାସରେ ପ୍ରତିଟି ଲୋକସଭା କ୍ଷେତ୍ରର ସମୀକ୍ଷା କରୁଛନ୍ତି ନିଜେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ବରଗଡ଼, କଳାହାଣ୍ଡି ଓ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଉପରେ ହୋଇଛି ଆଲୋଚନା। ଗତଥରର ତ୍ରୁଟିକୁ ସଂଶୋଧନ କରି ଏଥର ବଡ଼ ଭୋଟ ବ୍ୟବଧାନରେ ବିଜୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀ ପଟ୍ଟନାୟକ।

ବିକାଶ ହେଉଛି ମୁଦ୍ଦା, ଜନସେବା ମୂଳମନ୍ତ୍ର। ଗ୍ରାଉଣ୍ଡକୁ ଯାଅ, ଲୋକଙ୍କ ନିକଟତର ହୁଅ। ନେତା ଓ କର୍ମୀଙ୍କୁ ନବୀନ ଦେଲେ ଟିପ୍ସ। ଲୋକସଭା କ୍ଷେତ୍ର ବିଷୟରେ ନେଉଛନ୍ତି ଟିକନିଖି ଅପଡେଟ୍। ନିର୍ବାଚନ ପାଇଁ ପ୍ରତିଦିନି ନବୀନ ନିବାସରେ ବସୁଛି ବୈଠକ। ପର୍ଯ୍ୟାୟ କ୍ରମେ ବିଭିନ୍ନ ଲୋକସଭା କ୍ଷେତ୍ରର କରାଯାଉଛି ସମୀକ୍ଷା। ଶୁକ୍ରବାର ପ୍ରଥମେ ବରଗଡ଼ ଓ କଳାହାଣ୍ଡି ଲୋକସଭା କ୍ଷେତ୍ର ବିଷୟରେ ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀ। ବରଗଡ଼ ଜିଲ୍ଲାର ୫ ଓ ଝାରସୁଗୁଡ଼ା ଜିଲ୍ଲାର ଦୁଇଟି ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ବରଗଡ଼ ଲୋକସଭା। ଏହି ଲୋକସଭା କ୍ଷେତ୍ରର ବିଜେପୁର ବିଧାନସଭାର ବଡ଼ ଗୁରୁତ୍ୱ ରହିଛି। କାରଣ ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁରରୁ ନିର୍ବାଚନ ଲଢି ବିଜୟୀ ହୋଇଥିଲେ। ସେହିପରି ୨୦୧୯ରୁ ୨୦୨୪ ଭିତରେ ବରଗଡ଼ ଲୋକସଭାରେ ସର୍ବାଧିକ ୪ଟି ଉପ-ନିର୍ବାଚନ ହୋଇଛି। ସବୁ ଉପନିର୍ବାଚନରେ ବିଜେଡି ବିପୁଳ ଭୋଟରେ ବିଜୟୀ ହୋଇଥିବା ବେଳେ, ବିଜେପି ହାତେଇଥିଲା ଲୋକସଭା ଆସନ।

ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ନକ୍ସା ଯୋଗୁଁ ପଶ୍ଚିମ ଓଡ଼ିଶାର କଳାହାଣ୍ଡି ଏବେ ଭୋକର ଭୂଗୋଳରୁ ବାହାରି ବିକାଶର ପ୍ରୟୋଗଶାଳାରେ ପରିଣତ ହୋଇଛି। କଳାହାଣ୍ଡିର ୫ ଓ ନୂଆପଡ଼ାର ଦୁଇଟି ବିଧାନସଭା ଆସନକୁ ନେଇ ଗଠିତ କଳାହାଣ୍ଡି ଲୋକସଭା କ୍ଷେତ୍ର। ୨୦୧୯ ନିର୍ବାଚନରେ କଳାହାଣ୍ଡି ଲୋକସଭା ଓ ଭବାନୀପାଟଣା ବିଧାନସଭା ବିଜେପି ଖାତାକୁ ଯାଇଥିବା ବେଳେ, ନୂଆପଡ଼ା ଜିଲ୍ଲାର ଖଡ଼ିଆଳରେ କଂଗ୍ରେସ ବିଜୟୀ ହୋଇଥିଲା। ହେଲେ କିଛି ଦିନ ତଳେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିଜେଡିରେ ମିଶିଛନ୍ତି। ତେଣୁ ଏଥର ସବୁ ଆସନରେ ଦଳ କିପରି ବଡ଼ ବ୍ୟବଧାନରେ ବିଜୟୀ ହେବ ସେନେଇ ଗୁରୁମନ୍ତ୍ର ଦେଇଛନ୍ତି ଶ୍ରୀ ପଟ୍ଟନାୟକ। ସୁପ୍ରିମୋଙ୍କ ଠାରୁ ଟିପ୍ସ ନେବା ପରେ ନିର୍ବାଚନ ମଣ୍ଡଳୀରେ ଜନସେବା ଜାରି ରଖିବାକୁ ଅଣ୍ଟା ଭିଡିଛନ୍ତି ବିଜେଡି ନେତା ଓ କର୍ମୀ।

ବରଗଡ଼ ଓ କଳାହାଣ୍ଡି ପରେ ବଲାଙ୍ଗୀର ଲୋକସଭା କ୍ଷେତ୍ର ଉପରେ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ବଲାଙ୍ଗୀର ଜିଲ୍ଲାର ୫ଟି ଓ ସୁବର୍ଣ୍ଣପୁର ଜିଲ୍ଲାର ୨ଟି ବିଧାନସଭାକୁ ନେଇ ଗଠିତ ବଲାଙ୍ଗୀର ଲୋକସଭା। ସୁବର୍ଣ୍ଣପୁରର ଦୁଇଟି ଯାକ ଆସନ ବିଜେଡି ଦଖଲରେ ରହି ଆସୁଛି। ହେଲେ ବଲାଙ୍ଗୀରକୁ ନେଇ ଅଧିକ ପରିଶ୍ରମ ଜାରି ରଖିଛି ବିଜୁ ଜନତା ଦଳ। କାରଣ ୨୦୧୯ ନିର୍ବାଚନରେ ବଲାଙ୍ଗୀର ଜିଲ୍ଲାର ମାତ୍ର ଦୁଇଟି ବିଧାନସଭା ଆସନ ହାତେଇଥିଲା ଦଳ। ଲୋକସଭା ଆସନ କବ୍‌ଜା କରିଥିଲା ବିଜେପି। ଏବେ ନିର୍ବାଚନ ପାଖେଇ ଆସୁଥିବାରୁ ନିର୍ବାଚନ ମଣ୍ଡଳୀ ବୁଲି ଅଧିକ ପରିଶ୍ରମ କରିବାକୁ ବିଜେଡି ସୁପ୍ରିମୋ ନିର୍ଦ୍ଦେଶ ଦେଇଛନ୍ତି।

ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ସହ ଲୋକଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ଉପରେ ଦିଆଯାଉଛି ଗୁରୁତ୍ୱ। କାରଣ ଜନତାଙ୍କୁ ସମ୍ମାନ ସାଙ୍ଗକୁ ଜନସେବାକୁ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେବେ ଏଥର କେବଳ ବିଜୟ ନୁହେଁ, ବଡ ବ୍ୟବଧାନରେ ବିଜୟ ବିଜେଡିର ଟାର୍ଗେଟ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶଙ୍ଖ ଭବନରେ ଦାମବାବୁଙ୍କ ଅନ୍ତିମ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୨।୩:ନ୍ୟୁଜ୍‌ବ୍ୟୁରୋ**

ଶଙ୍ଖ ଭବନକୁ ଡାକ୍ତର ଦାମୋଦର ରାଉତଙ୍କ ପାର୍ଥିବ ଶରୀର ଅଣାଯାଇଥିଲା। ଏଠାରେ ତାଙ୍କୁ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାସହ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍, ବିଧାୟକ ଓ ବରିଷ୍ଠ ନେତୃବୃନ୍ଦ ମଧ୍ୟ ତାଙ୍କର ଶେଷ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦୀର୍ଘଦିନ କାର୍ଯ୍ୟ କରିଥିଲେ ବରିଷ୍ଠ ନେତା ଦାମୋଦର ରାଉତ। ଏହା ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦାମଙ୍କ ବିୟୋଗରେ ଟ୍ୱିଟ୍ ଜରିଆରେ ଶୋକ ପ୍ରକାଶ କରିବା ସହ ତାଙ୍କ କାର୍ଯ୍ୟ ଦକ୍ଷତାକୁ ସ୍ମରଣ କରିଥିଲେ ଏବଂ ତାଙ୍କର ବିୟୋଗ ରାଜ୍ୟ ରାଜନୀତିରେ ଅପୂରଣୀୟ କ୍ଷତି ବୋଲି କହିଥିଲେ।

## ସଡ଼କ ଦୁର୍ଘଟଣା : ଟ୍ରଲି ଜଳିଯାଇ ଚାଳକ ଜୀବନ୍ତ ଦଗ୍ଧ

**ନୂଆପଡ଼ା, ୨୨।୩:ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଯୋଗେନପଦର ଛକ ନିକଟସ୍ଥ ବିଜୁ ଏକ୍ସପ୍ରେସ୍ ୱେ ଠାରେ ସଡ଼କ ଦୁର୍ଘଟଣା ଘଟି ଜଣେ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡ଼ିଛି। ଗୋଟିଏ ଟ୍ରଲି ଅନ୍ୟ ଏକ ଟ୍ରଲିରେ ପଛପଟୁ ଧକ୍କା ଦେବା ଫଳରେ ଗୋଟିଏ ଟ୍ରଲିରେ ନିଆଁ ଲାଗିଯାଇଥିଲା। ସେହି ନିଆଁରେ ପଛପଟେ ଥିବା ଟ୍ରଲିର ଚାଳକ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି।

